ବର୍ଷ-୨୫, ସଂଖ୍ୟା-୨୯୩
ଭୁବନେଶ୍ୱର
୦୫, ନଭେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 293
Bhubaneswar
05, November, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆ କା ମା ବଇ, ପାନ ଗୁଆ ଥୋଇ
ପାନ ଗୁଆ ତୋର, ମାସକ ଧରମ ମୋର।

# କଳିଙ୍ଗ ବାଲିଯାତ୍ରାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ପାରାଦୀପ,୪।୧୧(ମହାଭାରତ):** ଆଜି ଜଗତସିଂହପୁରର ପାରାଦୀପଠାରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, କଳିଙ୍ଗ ପାରାଦୀପ ମାଧ୍ୟମରେ କିଭଳି ସମୃଦ୍ଧ କରାଯିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ପାରାଦୀପକୁ ଗ୍ରୀନ ହାଇଡ୍ରୋଜେନ ହବ ହେବ ବୋଲି ଘୋଷଣା କରିଥିଲେ। ଏହା ସହିତ ସେ କହିଥିଲେ ଯେ ପାରାଦୀପକୁ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀ

## ♦ ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ
## ♦ ପାରାଦୀପ ହେବ ଗ୍ରୀନ ହାଇଡ୍ରୋଜେନ ହବ୍
## ♦ ଖୁବଶୀଘ୍ର ଏୟାରପୋର୍ଟ, ମଙ୍ଗଳା ନଦୀରେ କ୍ରୁଜ ଟର୍ମିନାଲ

ବାଲିଯାତ୍ରା ହେଉଛି ଓଡ଼ିଆ ସାଧବ ପୁଅଙ୍କ ସାହସର ପ୍ରତୀକ। ଆଉ ସେଇଥିପାଇଁ ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ପାଲଟିଛି ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତିର ଦ୍ୱାରଦେଶ। ଓଡ଼ିଶା କୁ କରିବା ପାଇଁ ମଙ୍ଗଳା ନଦୀ ରେ କ୍ରୁଜ ଟର୍ମିନାଲ ନିର୍ମାଣ ହେବ ଏବଂ ରାଜ୍ୟ ସରକାର ଏଥିପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି। ପାରାଦୀପ ସହରରେ ଖୁବ ଶୀଘ୍ର ଏୟାର ପୋର୍ଟ ହେବ ଏବଂ ଏବେ



ପାରାଦୀପ କେବଳ ଜଳପଥ ଓ ସ୍ଥଳ ପଥ ନୁହେଁ ବରଂ ଆକାଶପଥ ସହିତ ମଧ୍ୟ ସଂଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାଲିଯାତ୍ରା ହେଉଛି ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଗୌରବୋଜ୍ଜଳ ଉତ୍ସବ। ଏହା ଆମକୁ ମନେପକାଏ ଯେ - ଆମ ପୂର୍ବଜମାନେ ସମୁଦ୍ରର ଉଚ୍ଚ ତରଙ୍ଗକୁ ଜୟ କରି, ଜାହାଜ ନେଇ ସୁବର୍ଣ୍ଣ ଦ୍ୱୀପ ଓ ବିଭିନ୍ନ ଦେଶ ସହିତ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ। ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ପାଲଟିଛି ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତିର ଦ୍ୱାରଦେଶ। ଏଠାରୁ ଆରମ୍ଭ ହେଉଛି ଆମ ରାଜ୍ୟର ଉନ୍ନତି ଓ ବିକାଶର ନୂତନ ଅଧ୍ୟାୟ। ପାରାଦୀପ ବନ୍ଦର ଆଜି ଭାରତର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବନ୍ଦର, ଯାହା ଆଜି ଶିଳ୍ପ, ବାଣିଜ୍ୟ ଓ ରୋଜଗାରର ଏକ କେନ୍ଦ୍ରବିନ୍ଦୁ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ପାରାଦୀପ ଓଡିଶାର ବିକାଶର ଏକ ଅଭିନ୍ନ ଅଙ୍ଗ ପାରାଦୀପରେ ଅନୁଷ୍ଠିତ କଳିଙ୍ଗ ବାଲିଯାତ୍ରା ବିକାଶ ଓ ବିରଶତର ଏକ ଉତ୍କୃଷ୍ଟ ଉଦାହରଣ ପାରାଦୀପ ବାଲିଯାତ୍ରା ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ। ଆଜିଠାରୁ ହେଉଥିବା ଏହି ବାଲିଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରରୁ ଅନେକ ବ୍ୟବସାୟୀ ଏବଂ ବ୍ୟବସାୟିକ ଅନୁଷ୍ଠାନ ନିଜ ନିଜ ସାମଗ୍ରୀ ଏବଂ ସେବା ପ୍ରଦର୍ଶନ କରିବେ। ଏହା ଆମର ସ୍ଥାନୀୟ ଲୋକ ଏବଂ ବ୍ୟବସାୟୀଙ୍କ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବ। ଆମ ଶିଳ୍ପୀମାନଙ୍କୁ ସଶକ୍ତ କରିବା, ତାଙ୍କର କୌଶଳକୁ ନୂଆ ବଜାର ଯୋଗାଇବା, ଓଡ଼ିଶା ସରକାରର ପ୍ରାଥମିକତା।

ରାଜ୍ୟ ସରକାରଙ୍କ ବନ୍ଦର ଭିତ୍ତିକ ଉନ୍ନତି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପାରାଦୀପ ବନ୍ଦରପୂର୍ବ ଭାରତର ଏକ ବଡ ବ୍ୟବସାୟିକ ବନ୍ଦର। ବନ୍ଦର ସହିତ ପାରାଦୀପର ସର୍ବାଙ୍ଗୀନ ଉନ୍ନତି ପାଇଁ ଆମ ସରକାର ସମସ୍ତ ପ୍ରକାର କାର୍ଯ୍ୟ କରିବେ ପାରାଦୀପକୁ କେବଳ ଶିଳ୍ପସମୃଦ୍ଧ ଅ□ଳ ନୁହେଁ, ପାରାଦୀପରେ ଗ୍ରୀନଫିଲଡ୍ ବିମାନ ବନ୍ଦର ପ୍ରତିଷ୍ଠା, ଭୁବନେଶ୍ୱର-ଖୋର୍ଦ୍ଧା-ଜଟଣୀ-କଟକ-ପାରାଦୀପ ଓ ପୁରୀକୁ ନେଇ ଏକ ମହାନଗରୀ ବିକଶିତ କରିବା, ଶିଳ୍ପ କରିଡର ପ୍ରସ୍ତୁତ କରିବା, ପାରାଦୀପ ବେଳାଭୂମିକୁ ପର୍ଯ୍ୟଟନର ବିକାଶ ଉପଯୋଗୀ କରିବା ଇତ୍ୟାଦି ଅନେକ ଯୋଜନା ଆମର ରହିଛି। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲା ବିଶେଷକରି ପାରାଦୀପ ଅ□ଳର ଅଭୁତପୂର୍ବ ବିକାଶ ଘଟିବ।

ସେ ଆହୁରି କହିଥିଲେ ଯେଏହି ବିକାଶରେ ଡବଲ ଇଞ୍ଜିନ ଡବଲ ଗତିରେ କାମ କରିବ। ଆପଣମାନେ ଜଗତସିଂହପୁର ଜିଲ୍ଲାକୁ ପ୍ରକୃତରେ ଟ୍ରିପଲ ଇଞ୍ଜିନରେ ପରିଣତ କରିଛନ୍ତି। ପ୍ରାୟ ସମସ୍ତ ଜନପ୍ରତିନିଧିଙ୍କୁ ବି ଆପଣ ରାଜ୍ୟ ସରକାରଙ୍କ ସହିତ ଯୋଡିଛନ୍ତି। ଏହାର ପ୍ରଭାବ ବି ଦେଖିବାକୁ ମିଳୁଛି। ବିଶ୍ୱର ବଡ ବଡ କମ୍ପାନୀମାନେ ଏଠାରେ ନିଜ ନିଜର ଶିଳ୍ପ ପ୍ରତିଷ୍ଠା କରିଛନ୍ତି କିମ୍ବା ଆଗ୍ରହ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲା, ବିଶେଷ ଭାବେ ପାରାଦୀପ ଓ ଏହାର ଆଖପାଖ ଅ□ଳ ଦ୍ରୁତ ଶିଳ୍ପାୟନ ଦେଖିବ। ଶିଳ୍ପାୟନ ହେଲେ, ରୋଜଗାର ସୃଷ୍ଟି ହେବ ଏବଂ ଏଠାକାର ଅର୍ଥନୀତିକୁ ବଳ ମିଳିବ।

# ଛତିଶଗଡ଼ରେ ଟ୍ରେନ୍ ଦୁର୍ଘଟଣା, ୮ ମୃତ

ରାୟପୁର,୪।୧୧(ମହାଭାରତ) ଛତିଶଗଡ଼ର ବିଳାସପୁରରେ ବୁଧବାର ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଛି। ଲାଲଖାଦନ ନିକଟସ୍ଥ ଜୟରାମନଗର ରେଳ ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଛି। ହାଓଡ଼ା ରୁଟ୍‌ରେ ଯାତ୍ରା କରୁଥିବା ଏକ ଯାତ୍ରୀବାହୀ ଟ୍ରେନ୍ ମାଲବାହୀ ଟ୍ରେନ୍ ସହିତ ଧକ୍କା ହୋଇଛି। ଫଳରେ ମାଲବାହୀ ଟ୍ରେନ୍‌ର ଅନେକ ବଗି ଲାଇନଚ୍ୟୁତ ହୋଇଛି। ଅନେକ ଲୋକ ଆହତ ହୋଇଛନ୍ତି। ପ୍ରଥମେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ପ୍ରକୃତରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ଗୁରୁତରଙ୍କ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁ ସଂଖ୍ୟା ବଢିବାର ଆଶଙ୍କା କରାଯାଉଛି। ତେବେ ଆଗରୁ ମାଲମାଡ଼ି ଛିଡ଼ା ହୋଇଥିବାବେଳେ ରେଡ୍ ସିଗନାଲକୁ ଅଣଦେଖା କରାଯିବାରୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଥିଲା।



ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ପାସେଞ୍ଜର ଟ୍ରେନ୍‌ର ଏକ କୋଚ୍ ମାଲଗାଡି ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ରେଲୱେ ପ୍ରଶାସନ ତୁରନ୍ତ ଉଦ୍ଧାରକାରୀ ଦଳ ଏବଂ ଡାକ୍ତରୀ ୟୁନିଟ୍ ଘଟଣାସ୍ଥଳକୁ ପଠାଇଥିଲା। ସ୍ଥାନୀୟ ପ୍ରଶାସନ ମଧ୍ୟ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନେଇଥିଲେ। ଏହି ଦୁର୍ଘଟଣା ଯୋଗୁଁ ସମଗ୍ର ରୁଟରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଅନେକ ଟ୍ରେନକୁ ରଦ୍ଦ ଏବଂ ଡାଇଭର୍ଟ କରି ଦିଆଯାଇଛି।ଦୁର୍ଘଟଣା ପରେ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଏବଂ ଉଦ୍ଧାର କାମ ଜାରି ରହିଛି । ବରିଷ୍ଠ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି। ରେଳ ପ୍ରଶାସନ ପ୍ରଭାବିତ ଯାତ୍ରୀମାନଙ୍କୁ ସମସ୍ତ ପ୍ରକାରର ସହାୟତା ଏବଂ ସମନ୍ୱୟ ପ୍ରଦାନ କରୁଛି। କେଉଁ କାରଣ ପାଇଁ ଏତେ ବଡ଼ ଟ୍ରେନ ଦୁର୍ଘଟଣା ହେଲା ତାର କାରଣ ଖୋଜା ସହ ତଦନ୍ତ ଉପରେ ନଜର ରଖାଯାଇଛି ।

ମିଳିଥିବା ଖବର ଅନୁସାରେ, ମେମୁ ଟ୍ରେନ୍ କୋରବାରୁ ବିଳାସପୁର ଅଭିମୁଖେ ଯାଉଥିଲା। ସେଭଳି ମାଲଗାଡିଟି ବିଳାସପୁରରୁ ଆସୁଥିଲା। ବିଳାସପୁର ରେଲୱେ ଷ୍ଟେସନ୍ ନିକଟସ୍ଥ ଲାଲ ଖାଦାନ ପାଖରେ ଦୁଇଟି ଟ୍ରେନ୍ ଗୋଟିଏ ଟ୍ରାକ୍‌କୁ ଚାଲି ଆସିଥିଲେ, ଫଳରେ ମୁହାଁମୁହିଁ ଜୋରଦାର ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଏହାର ଫଟୋ ଏବଂ ଭିଡିଓ ଦେଖିବାକୁ ମିଳିଛି। ଯେଉଁଥିରେ ପାସେଞ୍ଜର ଟ୍ରେନଟି ମାଲଗାଡି ଉପରେ ଚଢି ଯାଇଥିଲା। ଯାଞ୍ଚ ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ଆଶା କରାଯାଉଛି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ତାଙ୍କର ଚିକିତ୍ସା ଚାଲିଛି।

### ଓଡିଆ ଯୁବକ ଆଦର୍ଶ ଚିନ୍ତାରେ ରାଜ୍ୟ ସରକାର
# ଫେରାଇ ଆଣିବା ପାଇଁ କେନ୍ଦ୍ରକୁ ଚିଠି

ଭୁବନେଶ୍ୱର,୪।୧୧(ମହାଭାରତ): ରାଜ୍ୟ ସରକାର ଆଜି ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲାର ଓଡିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି। ଆଦର୍ଶଙ୍କ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ମୁଖ୍ୟମନ୍ତ୍ରୀ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ରାଜ୍ୟର ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ରଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏଥି ସହିତ, ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟବୈଦେଶିକ ମନ୍ତ୍ରାଳୟକୁ ପତ୍ରଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି।

ସୂଚନା ଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ତିର୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଛନ୍ତି। ନିକଟରେ ତାଙ୍କ ପରିବାର ବର୍ଗ ପାଖକୁ ଖବର ଆସିଥିଲା ଯେ, ଆଦର୍ଶ ବର୍ତ୍ତମାନ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ। ମୁଖ୍ୟମନ୍ତ୍ରୀ ଆଦର୍ଶଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟର ସହ ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଶ୍ୱାସନା ଦେଇଛନ୍ତି।

## କାର୍ତ୍ତିକ ପୂର୍ଣ୍ଣିମାରେ 'ସୁପରମୁନ'

ଭୁବନେଶ୍ୱର,୪।୧୧(ମହାଭାରତ): : ଆସନ୍ତାକାଲି କାର୍ତ୍ତିକ ପୂର୍ଣ୍ଣିମା ଦିନ ୨୦୨୫ ମସିହାର ୨ୟ 'ସୁପରମୁନ' ଭାବରେ ଦେଖାଯିବ। ଏହା ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ଦେଖିହେବ। ଓଡିଶା ତଥା ଭାରତର ସବୁ ଅ□ଳରୁ ଆକାଶ ମେଘ ମୁକ୍ତ ଥିଲେ ଏହାକୁ ଖାଲି ଆଖିରେ ରାତି ସାରା ଦେଖିହେବ 'ସୁପରମୁନ' ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେନାହିଁ।

## ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ,୪।୧୧(ମହାଭାରତ): କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଶ୍ରୀକ୍ଷେତ୍ରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା। ପୁରୀରେ ମୁତୟନ ହେବେ ୪୫ ପ୍ଲାଟୁନ ପୁଲିସ ଫୋର୍ସ। ସାତ ପାହାଚ ଏବଂ ବାହାର କାଠ ନିକଟରେ ପୁଲିସ ପ୍ରଶାସନର ବ୍ୟାପକ ବ୍ୟବସ୍ଥା। ବଡଦାଣ୍ଡରେ ଫାଷ୍ଟଟେଡ୍ କାଉଣ୍ଟର, ପିଇବା ପାଣି ଓ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରାଯାଇଛି। ସମୁଦ୍ର ବେଳାଭୂମିରେ ଜଣେ ଏସପି ରାଙ୍କର ଅଫିସର, ୩୭୦ ଲାଇଫ୍ ଗାର୍ଡ, ୨ଟି ଓ୍ୱାଚ୍ ଟିମ୍, ୩ଟି ଆମ୍ବୁଲାନ୍ସ, ୩ଟି ଫାଷ୍ଟଟେଡ୍ କାଉଣ୍ଟର ଏବଂ ପୁଲିସ କଣ୍ଟ୍ରୋଲ ରୁମ୍ ରହିବ। ଏନେଇ ପୁରୀ ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## +୨ ଫର୍ମ ପୂରଣ ଅବଧି ବୃଦ୍ଧି

**ଭୁବନେଶ୍ୱର,୪।୧୧(ମହାଭାରତ):** ଯୁକ୍ତ ଦୁଇ ଏକ୍ସ-ରେଗୁଲାର ଫର୍ମ ପୂରଣ ଅବଧି ବୃଦ୍ଧି କରାଯାଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ୧୧ ତାରିଖ ପରେ ଆବେଦନ କଲେ ଫାଇନ ଲାଗିବ। ୧୩ରୁ ୧୮ ତାରିଖ ମଧ୍ୟରେ ଆବେଦନ କଲେ ୨୦୦ ଟଙ୍କା ଫାଇନ୍ ଏବଂ ୧୯ରୁ ୨୧ ତାରିଖ ଭିତରେ ଆବେଦନ କଲେ ୬୦୦ ଟଙ୍କା ଫାଇନ୍ ଲାଗିବ।

# ଏନଡିଏ ମେଣ୍ଟ ବିହାର ଜନତାଙ୍କ ଆସ୍ଥାଭାଜନ ହୋଇଛି : ଧର୍ମେନ୍ଦ୍ର

**ପାଟନା,୪।୧୧(ମହାଭାରତ):** ବିହାରରେ ଏନଡିଏ ମେଣ୍ଟ ବିକାଶ ଓ ସୁଶାସନ ସହିତ ଜନତାଙ୍କ ଆସ୍ଥାଭାଜନ ହୋଇପାରିଛି ବୋଲି ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପାଟନାରେ ବିହାର ବିଧାନସଭା ନିର୍ବାଚନ - ୨୦୨୫ର ପ୍ରଥମ ପର୍ଯ୍ୟାୟ ମତଦାନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେସ୍ ବାର୍ତ୍ତାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମାର୍ଗଦର୍ଶନରେ ଏକ ସଶକ୍ତ, ସଂଗଠିତ, ସକାରାତ୍ମକ ଏବଂ ଜନ-ଆଧାରିତ ନିର୍ବାଚନ ଅଭିଯାନ ଜାରି ରହିଛି । ଗୋଟିଏ ପଟେ ଏନଡିଏ ମେଣ୍ଟ ବିକାଶ, ସୁଶାସନ ଏବଂ ସ୍ଥିରତାର ନିଜର ଦୃଢ଼ ଉପଲବ୍ଧି ସହିତ ଜନତାଙ୍କ ମଧ୍ୟରେ ବିଶ୍ୱାସର ପ୍ରତୀକ ହୋଇ ଉଭା ହୋଇଛି । ଏହି ମେଣ୍ଟ 'ବିକଶିତ ବିହାର'ର ସଂକଳ୍ପ ସହିତ ଆଗକୁ ଅଗ୍ରସର ହୋଇଛି । ଅନ୍ୟପଟେ, ମହାଗଠବନ୍ଧନର ଦିଗ ଏବଂ ଉଦ୍ଦେଶ୍ୟ ଉଭୟ ଅସ୍ପଷ୍ଟ ରହିଛି । ବିହାରର ଜନସାଧାରଣ ମିଥ୍ୟା ପ୍ରତିଶ୍ରୁତି ଏବଂ 'ଜଙ୍ଗଲରାଜ'ର କୁଶାସନରେ ଅନୁପ୍ରାଣିତ ଲୋକଙ୍କ ସତ୍ୟତାକୁ ଭଲ ଭାବରେ ଜାଣିଛନ୍ତି । ଏହିପରି ଲୋକମାନେ କେବେବି ବିହାରର ଭଲ କରିପାରିବେ ନାହିଁ ।



ସେ ଏନଡିଏର ସଂକଳ୍ପ ପତ୍ରକୁ ଏକବିଂଶ ଶତାବ୍ଦୀର 'ବିକଶିତ ବିହାର'ର ରୂପରେଖ ବୋଲି କହିଛନ୍ତି। ଏହି ରୂପରେଖ ଏକ ଏପରି ବିହାରର ନିର୍ମାଣ ଲକ୍ଷ୍ୟ ରଖିଛି ଯାହା ନୂତନ ଅର୍ଥନୀତି, କୃଷି, ନିଯୁକ୍ତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଏବଂ ଆତ୍ମନିର୍ଭର ଦିଗରେ ଦ୍ରୁତ ଗତିରେ ଆଗକୁ ବଢ଼ିବ । ଏନଡ଼ିଏର ଏହି ସଂକଳ୍ପ ପତ୍ରରେ ୧ କୋଟିରୁ ଅଧିକ ଯୁବକଙ୍କୁ ସରକାରୀ ଚାକିରି ଓ ରୋଜଗାର ସୁଯୋଗ, ଅନ୍ନଦାତାମାନଙ୍କ ପାଇଁ ସମସ୍ତ ଫସଲ ଉପରେ ଏମ୍.ଏସ୍.ପିର ଗ୍ୟାରେଣ୍ଟି ଏବଂ କିଷାନ ସମ୍ମାନ ନିଧିର ରାଶି ୬,୦୦୦ ଟଙ୍କାରୁ ବୃଦ୍ଧି କରାଯାଇ ୯,୦୦୦ ଟଙ୍କା କରିବାକୁ ସଂକଳ୍ପ ନିଆଯାଇଛି। ଏହାବ୍ୟତୀତ ୫୦ ଲକ୍ଷ ନୂତନ ପକ୍କା ଗୃହ ନିର୍ମାଣ କରିବା ଏବଂ ୧ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବାର ଲକ୍ଷ୍ୟ ମଧ୍ୟ ଏହି ସଂକଳ୍ପ ପତ୍ରରେ ଉଲ୍ଲେଖ ରହିଛି । ଶିକ୍ଷା କ୍ଷେତ୍ରରେ ୫,୦୦୦ କୋଟି ଟଙ୍କାର ରାଶିରେ ଜିଲ୍ଲାର ପ୍ରମୁଖ ବିଦ୍ୟାଳୟଗୁଡ଼ିକର ନବୀକରଣ କରାଯିବାର ଯୋଜନା ରହିଛି । ଧାର୍ମିକ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ମାତା ଜାନକୀଙ୍କ ଜନ୍ମସ୍ଥାନକୁ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ ନଗରୀ 'ସୀତାପୁରମ୍' ଭାବରେ ବିକଶିତ କରିବାର ଯୋଜନା ରହିଛି । ପାଟନା, ଦରଭଙ୍ଗା, ପୂର୍ଣ୍ଣିଆ ଏବଂ ଭାଗଲପୁରରେ ଆନ୍ତର୍ଜାତିକ ବିମାନ ବନ୍ଦର ଏବଂ ଚାରୋଟି ନୂଆ ସହରରେ ମେଟ୍ରୋ ପ୍ରକଳ୍ପ ଭଳି ଅନେକ ବହୁମୁଖୀ ସଂକଳ୍ପ ମଧ୍ୟ ଇସ୍ତାହାରରେ ସାମିଲ ହୋଇଛି । ଏହି ସଂକଳ୍ପ ପତ୍ର କୃଷକମାନଙ୍କ ସଶକ୍ତିକରଣ, ଗରିବ ଓ ପଛୁଆ ବର୍ଗଙ୍କ ହିତର ସୁରକ୍ଷା, ଯୁବକମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ମହିଳାଙ୍କ ସୁରକ୍ଷା ଓ ସମ୍ମାନ ଏବଂ ସର୍ବୋପରି ବିହାରର ସର୍ବାଙ୍ଗୀନ ବିକାଶର ଗ୍ୟାରେଣ୍ଟି ଦେଉଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।କେନ୍ଦ୍ର ମନ୍ତ୍ରୀ ଶେଷରେ ବିହାରର ଜନତାଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ ଗଣତନ୍ତ୍ରର ଏହି ମହାପର୍ବରେ ବହୁଳ ଭାବରେ ଅଂଶଗ୍ରହଣ କରନ୍ତୁ। ସେ ଭୋଟରମାନଙ୍କୁ ନିଜର ମତାଧିକାରର ଶତ-ପ୍ରତିଶତ ଉପଯୋଗ କରି ବିକାଶ, ସୁଶାସନ ଏବଂ ସ୍ଥିରତାର ଏହି ଅଭିଯାନକୁ ଅଧିକ ଶକ୍ତିଶାଳୀ କରିବାକୁ ନିବେଦନ କରିଛନ୍ତି ।

## ଓଡ଼ିଶାରେ ଆଇଟି ଓ ଇଡି ରେଡ୍

ଭୁବନେଶ୍ୱର,୪।୧୧(ମହାଭାରତ): ଆଜି ଓଡ଼ିଶାରେ ପଶିଛି ଆୟକର ଓ ଇଡି ବିଭାଗ। ଆୟକର ଫାଙ୍କିବା ଓ ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ ଏହି ଚଢାଉ ହୋଇଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି।

ଉତ୍କଳ ବିଲ୍ଡର୍ସ ଉପରେ ଆୟକର ଚଢାଉ। ଆଜି ସକାଳୁ ଆୟକର ବିଭାଗ ପକ୍ଷରୁ ଉତ୍କଳ ବିଲ୍ଡରର ବିଭିନ୍ନ ସ୍ଥାନରେ ଚାଲିଛି ଚଢାଉ । ୧୮ ଟି ଟିମ୍ ଚଢାଉରେ ସାମିଲ ହୋଇଛନ୍ତି। ଚଢାଉରେ ୧୨୦ ଅଫିସର ନିୟୋଜିତ ଅଛନ୍ତି । କୋଟି କୋଟି ଟଙ୍କା ଆୟକର ଫାଙ୍କିବା ନେଇ ଜଣା ପଡିବା ପରେ ଆୟକର ବିଭାଗର ପକ୍ଷରୁ ଚଢାଉ କରାଯାଉଛି ।

୭୩ କୋଟିର ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ ଓଡ଼ିଶା ସମେତ ୪ଟି ରାଜ୍ୟରେ ଇଡି ରେଡ୍ କରିଛି । ଏସ୍ଆର ଆଲକୋବେଭ ସହ ଏକାଧିକ ସଂସ୍ଥାରେ ଚଢ଼ାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଚଢାଉ ବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି କାଗଜପତ୍ର ଜବତ କରାଯାଇଛି । ୨ଟି ବ୍ୟାଙ୍କରୁ ୭୩ କୋଟି ବ୍ୟାଙ୍କ ଋଣ ଠକେଇ ମାମଲାରେ ଏମ୍/ଏସ୍ ଏସ୍ଆର ଆଲକୋବେଭ ପ୍ରା. ଲି ଓ ଅନ୍ୟମାନଙ୍କ ସମ୍ପୃକ୍ତି ଲିଙ୍କରେ ଓଡ଼ିଶା ସମେତ ୪ଟି ରାଜ୍ୟରେ ଚଢ଼ଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ।

# ନୂଆପଡ଼ା ରାଜନୀତିରେ ଚରମସୀମାରେ ବାକ୍ ଯୁଦ୍ଧ

**ନୂଆପଡ଼ା,୪।୧୧(ମହାଭାରତ):** ନୂଆପଡ଼ାରେ ଲୋକଙ୍କ ପ୍ରସଙ୍ଗରେ ଆଲୋଚନା ନାହିଁ, ହେଲେ ବ୍ୟକ୍ତିଗତ ସ୍ତରରେ ପରସ୍ପରକୁ କାଦୁଅ ଫିଙ୍ଗିଛନ୍ତି ଉଭୟ ବିଜେପି ଓ ବିଜେଡି। ନବୀନଙ୍କ ବେଇମାନ ଉପାଖ୍ୟାନକୁ ନେଇ ଚିହିଁକି ଉଠିଛନ୍ତି ଢୋଲକିଆ ପରିବାର। ଫଳରେ ଆରୋପ ପ୍ରତ୍ୟାରୋପ ନୂଆପଡା ରାଜନୀତିକୁ ଉଷ୍ମ କରିଛି।

ଜୟ ଢୋଲକିଆ ବିଜେପିରେ ସାମିଲ ହେବାକୁ ବେଇମାନୀର ଆଖ୍ୟା ଦେଇଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତକାଲି ପ୍ରଚାର ସମୟରେ ବିଜେପିକୁ ଟାର୍ଗେଟ କରୁ କରୁ ବ୍ୟକ୍ତିଗତ ସ୍ତରକୁ ଚାଲିଯାଇଥିଲେ ନବୀନ। ସିଧା ସିଧା ନ କହିଲେ ବି ଜୟଙ୍କୁ ନିଶାନା କରି ବେଇମାନ ବୋଲି ଠାରିଦେଲେ। ନବୀନଙ୍କ ଏଭଳି ପରିବର୍ତ୍ତିତ ଆଭିମୁଖ୍ୟ ରାଜ୍ୟ ରାଜନୀତିରେ ଭିନ୍ନ ଚର୍ଚ୍ଚାର କାରଣ ହୋଇଛି। ସମାନ୍ତରାଳ ଭାବେ ନୂଆପଡ଼ା ପ୍ରଚାରର ମୋଡ଼ ବଦଳାଇଦେଇଛି। ସକାଳେ ଜୟ ସାମ୍ନାକୁ ଆସି ନବୀନଙ୍କୁ ସମାଲୋଚନା କରିଥିଲେ। ଅପରାହ୍ନରେ ପୁଅର ସୁରକ୍ଷା ପାଇଁ ସାମ୍ନାକୁ ଆସିଲେ ମାଆ କଳ୍ପନା ଢୋଲକିଆ। ସେ କହିଲେ, ରାଜେନ୍ଦ୍ର ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ଭୁଲିଯାଇଥିଲା ନବୀନଙ୍କ ବିଜେଡି। ଦୀର୍ଘ ବର୍ଷର ସଂପର୍କକୁ ଏମିତି ନବୀନ ଏଡ଼ାଇଯିବେ ଏକଥା ଭାବିନଥିଲେ। ରାଜେନ୍ଦ୍ର ଭାଙ୍ଗିପଡ଼ିଲେ ଓ ଏହା ହିଁ ତାଙ୍କ ମୃତ୍ୟୁର ଅନ୍ୟତମ କାରଣ। ଏବେ ରାଜେନ୍ଦ୍ରଙ୍କ ଫଟୋ ବିଜେଡି ହାତରେ କାହିଁକି ? ବୋଲି ପାଲଟା ପ୍ରଶ୍ନ କରିଛନ୍ତି କଳ୍ପନା। ଜୟଙ୍କ ନାଁରେ ମିଛ ଅପପ୍ରଚାର କରି ବିଜେଡି ହୀନ ରାଜନୀତି କରୁଛି ।



ଜୟ ଢୋଲକିଆ କହିଛନ୍ତି, ମିଛ କହିବାର ଗୋଟେ ସୀମା ଥାଏ। ତାକୁ ଲଂଘି ସାରିଲେଣି। ବିଜେଡି ନେତାମାନେ ମୋତେ ଭଲ ପୁଅ ନୁହେଁ ବୋଲି ସାର୍ଟିଫିକେଟ୍ ଦେବାକୁ ସେମାନେ କିଏ। ଆମ ପରିବାର ଭଲଭାବେ ଜାଣିଛନ୍ତି ମୁଁ ଭଲ ପୁଅ କି ନୁହେଁ। ମୋ ମାଆ। (ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପତ୍ନୀ) ମୋ ପାଇଁ ନିର୍ବାଚନ ପ୍ରଚାରରେ ବାହାରିଛନ୍ତି ଏହାଠାରୁ ଆଉ ବଡ଼ ପ୍ରମାଣପତ୍ର କିଛି ନୁହେଁ। ବାପା ହସ୍ପିଟାଲରେ ଥିଲା ବେଳେ ମୁଁ ୧୦ଥର ଫୋନ କରିଥିଲି ନବୀନଙ୍କୁ ଫୋନ ଉଠେଇଲେନି, ଆଉ ସାହାଯ୍ୟ କଣଟା କରିବେ । ମୁଁ ମୋ ବାପାଙ୍କ ଆଦର୍ଶରେ ଅଛି । ବିଜେଡିକୁ ପ୍ରାର୍ଥୀ ମିଳିଲା ନାହିଁ। ନୂଆପଡାରେ ମାମୁଁଘରକୁ ୫ ବର୍ଷରେ ଥରେ ଆସିନଥିଲେ ସ୍ନେହାଙ୍ଗିନୀ। ଏବେ ମନେ ପଡିଗଲା । ମୁଖ୍ୟମନ୍ତ୍ରୀ ଡେଲି ଫୋନ କରି ନୂଆପଡା କଥା ବୁଝୁଛନ୍ତି। ମୋ ପାଇଁ କଷ୍ଟକର ନୁହଁ ନୂଆପଡା। ନୂଆପଡା ମାଟି ଆସନ୍ତା ୧୪ରେ ତାର ଉତ୍ତର ଦେବ। ବିଜେଡି ନେତାମାନେ କେବଳ ବ୍ୟକ୍ତିଗତ ଆକ୍ଷେପ କରିବାରେ ବ୍ୟସ୍ତ। ବାପାଙ୍କ ଜୀବିତାବସ୍ଥାରେ ତାଙ୍କ ପାଇଁ କିଛି କରିନଥିଲା। ବିଜେଡି ନେତାଏ ଏବେ ଖାଲି କାନ୍ଦୁଛନ୍ତି। ଏକଥାକୁ ନୂଆପଡ଼ାବାସୀ ଭଲଭାବେ ବୁଝିସାରିଲେଣି ଆଉ ଉପନିର୍ବାଚନରେ ଏହାର କଡ଼ା ଜବାବ ଦେବେ ବୋଲି କହିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ।।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ମାଆ ଶ୍ରୀମତୀ କଳ୍ପନା ଢୋଲକିଆଙ୍କ ମନ୍ତବ୍ୟ ଉପରେ କଡା ପ୍ରତିକ୍ରିୟା ରଖିଛି ବିଜେଡି । ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜୁ ଢୋଲକିଆଙ୍କ ଚିକିତ୍ସା ସମୟରେ ବିଜେଡି ତାଙ୍କୁ ଅଣଦେଖା କରିଥିଲା ବୋଲି ଉଭୟ ଜୟ ଓ ତାଙ୍କ ମା ଆଜି ଅଭିଯୋଗ କରିଥିଲେ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଜୟ ଓ ତାଙ୍କ ମାଆ ଆଣିଥିବା ଅଭିଯୋଗକୁ ଦୃଢ଼ ଖଣ୍ଡନ କରିଥିଲେ । ଡ଼ ମହାନ୍ତି କହିଥିଲେ, ଗତକାଲି ବିଜେଡି ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ସଭାରେ ବିଶାଳ ଜନସମାଗମ ଦେଖି ଜୟ ଢୋଲକିଆ ଓ ବିଜେପି ଆତଙ୍କିତ ହୋଇଛନ୍ତି ।

## ତମ୍ବା ପାତ୍ରରେ ପାଣି ପିଇବାର ଲାଭ

ରାତିରେ ଏକ ତମ୍ବା ପାତ୍ରରେ ପାଣି ଭରି ରଖି ସକାଳେ ଏହି ପାଣି ପିଇବାକୁ ଅନେକ ପରାମର୍ଶ ଦେଇଥାନ୍ତି । ଏହାର ଅନେକ କାରଣ ରହିଛି । ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ପାଚନ କ୍ରିୟା ସଠିକ୍ ଭାବରେ ହୋଇଥାଏ । ଏହା ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ରକ୍ତଚାପକୁ ନିୟନ୍ତ୍ରିତ ରଖିବା ସହ ରକ୍ତରେ କୋଲେଷ୍ଟର ମାତ୍ରା ମଧ୍ୟ କମ୍ କରେ । ତମ୍ବା ପାତ୍ରରେ ଥିବା ପାଣି ପିଇବକା ଦ୍ୱାରା ହୃଦ୍‌ଘାତ ଜନିତ ଆଶଙ୍କା କମ୍ ଥାଏ । ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ । ମୋଟାପଣ କମ୍ କରିବାରେ ମଧ୍ୟ ସାହାଯ୍ୟ କରେ । ଏହା ଦ୍ୱାରା ଏନିମିୟା ରୋଗରୁ ମଧ୍ୟ ଉପଶମ ମିଳିଥାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ତମ୍ବାରେ କର୍କଟ ରୋଗ ନିରୋଧୀ ତତ୍ତ୍ୱ ରହିଛି । ତେଣୁ ତମ୍ବା ପାତ୍ରରେ ଥିବା ପାରି ପିଇବା ଦ୍ୱାରା କର୍କଟ ରୋଗକୁ ଆରମ୍ଭରୁ ରୋକାଯାଇ ପାରିବ । ନିୟମିତ ତମ୍ବା ପାତ୍ର ପାଣି ପିଇବା ଦ୍ୱାରା ଶରୀରର ପୀଡ଼ା, ଆଣ୍ଠୁଗଣ୍ଠି ବିନ୍ଧା ଓ ଫୁଲା ରୋଗ ହୋଇ ନ ଥାଏ ।



ଖବର

## ସୂରିୟାଙ୍କ ଫିଲ୍ମରେ ରବୀନା



ବିଗତ ଦିନର ବଲିଉଡ୍ ନାୟିକାମାନେ ତାମିଲ୍ ଫିଲ୍ମରେ ଅଭିନୟ କରିବା ଧାରା ଏବେ ସକ୍ରିୟ ହେଉଥିବା ଦେଖିବାକୁ ମିଳୁଛି । ଅଭିନେତ୍ରୀ ରବୀନା ଟଣ୍ଡନ୍ ତାମିଲ୍ ସୁପଷ୍ଟାର୍ ସୂରିୟାଙ୍କ ଆଗାମୀ ଫିଲ୍ମ 'ସୂରିୟା ୪୬'ରେ ଅଭିନୟ କରୁଛନ୍ତି । ରବୀନାଙ୍କ ୫୩ତମ ଜନ୍ମଦିନ ଅବସରରେ ଏହି ଫିଲ୍ମର ନିର୍ମାତା ଏ ବିଷୟରେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି ଏବଂ ରବୀନାଙ୍କୁ ଦକ୍ଷିଣୀ ସିନେଶିଳ୍ପକୁ ସ୍ୱାଗତ କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । କେବଳ ସୂରିୟା ଓ ରବିନା ନୁହନ୍ତି, ଏହି ଚଳଚ୍ଚିତ୍ରରେ ମଲାୟଲି ସିନେମାର ଜଣାଶୁଣା ତାରକା ମମିତା ବୈଜୁ ଓ ଭେଟେରାନ୍ ଅଭିନେତ୍ରୀ ରାଧିକା ଶରତ କୁମାର ମଧ ଅଭିନୟ କରୁଛନ୍ତି । ସୀତାରା ଏ□ର୍ଟେନ୍ମେ□୍ ବ୍ୟାନରେ ନାଗା ଭାମ୍ସିଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମଟିକୁ 'ଲକି ଭାସ୍କର' ଫେମ୍ ଭେଙ୍କି ଅଟଲୁରି ନିର୍ଦ୍ଦେଶନା ଦେଉଛନ୍ତିୟ ।ଏହା ପୂର୍ବରୁ ରବୀନା 'ସାଧୁ' ଓ 'ଆଲାବନ୍ଧନ୍' ଶୀର୍ଷକ ଦୁଇଟି ତାମିଲ୍ ଛବିରେ ଅଭିନୟ କରିଥିଲେ ।

## ପୂର୍ଣ୍ଣିମା ଓ ଅମାବାସ୍ୟାର ମହତ୍ତ୍ୱ




ପ୍ରକୃତିରେ ଯେଭଳି ପ୍ରତ୍ୟେକ ଜିନିଷର ନିଜସ୍ୱ ମହତ୍ତ୍ୱ ରହିଛି ସେହିଭଳି ପ୍ରତ୍ୟେକ ଦିନର ଅଲଗା ଅଲଗା ମହତ୍ତ୍ୱ ରହିଛି । ପୂର୍ଣ୍ଣିମା ରାତିର ଚନ୍ଦ୍ର ଆକାଶରେ ଚମକୁଥାଏ । କିନ୍ତୁ ଅମାବାସ୍ୟାରେ ଚନ୍ଦ୍ରଙ୍କର ଦର୍ଶନ ମିଳେନାହିଁ । ଅମାବାସ୍ୟା ଅନ୍ଧାର ରାତିରେ କିଛି ଅନିଷ୍ଟକାରୀ ଶକ୍ତି ଜାଗ୍ରତ ହୋଇଥାନ୍ତି । ଆସନ୍ତୁ ଜାଣିବା ଏହିଦିନ ସହିତ ଜଡ଼ିତ କିଛି ମହତ୍ତ୍ୱପୂର୍ଣ୍ଣ କଥା :

କୁହାଯାଏ ଯେ, ତାନ୍ତ୍ରିକମାନଙ୍କ ପାଇଁ ଏହି ରାତି ଅତି ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଏହି ରାତିରେ ତାନ୍ତ୍ରିକମାନେ ନିଜ ସିଦ୍ଧିବଳରେ ବିଭିନ୍ନ ଶକ୍ତିକୁ ଜାଗ୍ରତ କରିଥାନ୍ତି ଓ ତାଙ୍କ ଦ୍ୱାରା କାର୍ଯ୍ୟ କରିଥାନ୍ତି । ଏହି କାରଣରୁ ଅମାବାସ୍ୟ ରାତିକୁ ତାନ୍ତ୍ରିକ ରାତି ବୋଲି କୁହାଯାଏ । ବର୍ଷର ୧୨ଟି ପୂର୍ଣ୍ଣିମା ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମା, ମାଘ ପୂର୍ଣ୍ଣିମା, ଶରଦ ପୁର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, ବୁଦ୍ଧ ପୂର୍ଣ୍ଣିମା ଆଦି ମୁଖ୍ୟ ପୂର୍ଣ୍ଣିମା ଭାବେ ବିବେଚନା କରାଯାଏ । ଅମାବାସ୍ୟା ଓ ପୂର୍ଣ୍ଣିମାରେ ନଦୀରେ ବୁଡ଼ ପକାଇବାର ମହତ୍ତ୍ୱ ରହିଛି । ଅମାବାସ୍ୟା ଦିନ ଦାନ ଏବଂ ଈଶ୍ୱରଙ୍କ ଆରାଧନା ଅବଶ୍ୟ କରିବା ଉଚିତ୍ ।


ଦାନ କରିବା ପୂର୍ବରୁ ଭଗବାନଙ୍କ ପୂଜା କରିବା ବିଧେୟ । ପୂରାଣ କଥା ଅନୁସାରେ ପିତୃଦୋଷରୁ ମୁକ୍ତି ପାଇବା ପାଇଁ ଏହି ଦିନ ପିତୃ ତର୍ପଣ, ସ୍ନାନାଦି କର୍ମ କଲେ ପୁଣ୍ୟ ଫଳ ମିଳେ । ଏହି ଦିନ କୌଣସି ବାକିଥିବା କାର୍ଯ୍ୟ ମଧ୍ୟ ସଂପାଦନ କରାଯାଇଥାଏ ।

## ବାସ୍ତୁ ବିଚାର : ଘରେ ଲଗାନ୍ତୁ ଏହିସବୁ ଗଛ



ବାସ୍ତୁ ଶାସ୍ତ୍ର ଓ ପୁରାଣ ଅନୁସାରେ ଗଛକୁ ଶୁଭ ବୋଲି କୁହାଯାଏ । ବାସ୍ତୁ ଅନୁସାରେ, କଦଳୀ, ତୁଳସୀ ଓ ଅଁଳା ଗଛ ଘରେ ଲଗାଇଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଏହି ତିନୋଟି ଗଛରେ ଦେବତା ବାସ କରିଥାନ୍ତି । ତେଣୁ ଏହି ତିନୋଟି ଗଛକୁ ପୂଜା କଲେ ଅତି ଶୁଭ ବୋଲି ମାନ୍ୟତା ରହିଛି । । ତେବେ ଏହି ଗଛ କେଉଁ ଦିଗରେ ଲଗାଇବା ଉଚିତ୍ ବୋଲି ସେ ନେଇ ଉଲ୍ଲେଖ ରହିଛି । ହିନ୍ଦୁ ଧର୍ମ ଅନୁସାରେ ତୁଳସୀ ଗଛର ବିଶେଷ ଗୁରୁତ୍ୱ ରହିଛି । ପ୍ରତି ଘରେ ଏହି ଗଛକୁ ପୂଜା କରାଯାଇଥାଏ । ଏହି ଗଛକୁ ପୂଜା କଲେ ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି ବାସ୍ତୁରେ କୁହାଯାଇଛି । ବାସ୍ତୁ ଅନୁସାରେ ଗଛକୁ ଘରର ପୂର୍ବ ଦିଗ କିମ୍ବା ଉତ୍ତର-ପୂର୍ବ ଦିଗରେ ଲଗାନ୍ତୁ । ଏପରି କଲେ ଧନପ୍ରାପ୍ତି ହୋଇଥାଏ । କଦଳୀ ଗଛକୁ ହିନ୍ଦୁ ଧର୍ମରେ ପବିତ୍ର ବୋଲି ବିବେଚନା କରାଯାଏ । ପ୍ରତ୍ୟେକ ପୂଜାରେ କଦଳୀ ପତ୍ରକୁ ବ୍ୟବହାର କରାଯିବା ସହିତ କଦଳୀକୁ ଭୋଗ କରା ଯାଇଥାଏ । ଘରେ ଏହି ଗଛ ଲଗାଇଲେ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ହୋଇଥାଏ । ବସ୍ତୁ ଅନୁସାରେ ଘରେ କଦଳୀ ଗଛକୁ ଉତ୍ତର-ପୂର୍ବ ଦିଗରେ ଲଗାନ୍ତୁ । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଅଁଳା ଗଛରେ ସବୁ ଦେବାଦେବୀ ବାସ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ସେଥିପାଇଁ ହିନ୍ଦୁ ଧର୍ମରେ ଅଁଳା ନବମୀ ମଧ୍ୟ ରହିଛି । ଏହି ଗଛକୁ ପୂଜା କଲେ ପାପ କ୍ଷୟ ହୋଇଥାଏ ବୋଲି ମଧ୍ୟ ବାସ୍ତୁ ଶାସ୍ତ୍ରରେ ଉଲ୍ଲେଖ ରହିଛି । ତେଣୁ ଏହି ଗଛକୁ ଘରର ଅଗଣାରେ ଲଗାନ୍ତୁ । ଦେବଦାରୁ ଗଛକୁ ଅଶୋକ ଗଛ ମଧ୍ୟ କୁହାଯାଇଥାଏ । ଏହି ଗଛକୁ ଘରେ ଲଗାଇଲେ ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ତେଣୁ ଏହି ଗଛକୁ ଘରର ଉତ୍ତର ଦିଗରେ ଲଗାନ୍ତୁ । ସେହିପରି ଅରଖ ଗଛକୁ ଘରେ ଲଗାଇଲେ ଅଚାନକ ଧନ ପ୍ରାପ୍ତି ହୋଇଥାଏ ବୋଲି ବାସ୍ତୁ ଶାସ୍ତ୍ରରେ କୁହାଯାଇଛି । ଏହି ଗଛର ଫୁଲକୁ ଭଗବାନ ଶିବଙ୍କ ପାଖରେ ଅର୍ପଣ କରାଯାଇଥାଏ । ଯଦି ଆପଣ ଏହି ଗଛ ଘରେ ଲଗାଉଛନ୍ତି, ତେବେ ଉତ୍ତର ପୂର୍ବ ଦିଗରେ ଲଗାନ୍ତୁ । ଏହି ଗଛ ଘରେ ଲଗାଇଲେ ଆପଣଙ୍କର ଶତ୍ରୁ ଦୂର ହୋଇଥାନ୍ତି ଏବଂ ଆପଣଙ୍କ ଜୀବନସାଥୀ ସହିତ ପ୍ରେମ ସଂପର୍କ ମଧ୍ୟ ବୃଦ୍ଧି ପାଇଥାଏ ।

## ଜାଣନ୍ତୁ, ପଞ୍ଚୁକ ପର୍ବର ମାହାତ୍ମ୍ୟ







କାର୍ତ୍ତିକ ମାସର ଶେଷ ପାଞ୍ଚଦିନ (କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ)କୁ ପବିତ୍ର ପଞ୍ଚୁକ ଭାବେ ପାଳନ କରାଯାଏ । ଏହା ମହାପଞ୍ଚୁକ, ବକପଞ୍ଚୁକ, ଭୀଷ୍ମପଞ୍ଚୁକ ଏବଂ ବିଷ୍ଣୁ ପଞ୍ଚୁକ ଭାବେ ଜଣାଶୁଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରିଥାନ୍ତି । ସେହିଭଳି ଅନେକ ହବିଷ୍ୟାଳି ଅଳାଁ ନବମୀ, ରାଧାପାଦ ଦର୍ଶନ ଠାରୁ ସାତ ଦିନ ହବିଷ୍ୟ କରିଥାନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରିଥାନ୍ତି । ଏହି ପଞ୍ଚୁକରେ ବକମାନେ ମଧ ଆମିଷ ଭୋଜନରୁ ନିବୃତ୍ତ ରୁହନ୍ତି ବୋଲି ମାନ୍ୟତା ରହିଛି । ତେଣୁ ଏହାକୁ 'ବକ ପଞ୍ଚୁକ' କୁହାଯାଏ । କାର୍ତ୍ତିକ ମାସର ଶେଷ ୫ ଦିନ ଅର୍ଥାତ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅତ୍ୟନ୍ତ ପବିତ୍ର ଦିବସ ହୋଇଥାଏ । ଏହି ୫ ଦିନରେ ୩୩ କୋଟି ଦେବା-ଦେବୀ ମନୁଷ୍ୟଙ୍କ ସନ୍ନିକଟ ହୋଇଥାନ୍ତି । ଏହି ପାଞ୍ଚ ଦିନରେ ମହାପ୍ରଭୁ ପ୍ରଥମ ଦିନରେ ଠିଆକିଆ ବେଶ, ଦ୍ୱିତୀୟ ଦିନରେ ବାଙ୍କଚୂଡ ବେଶ, ତୃତୀୟ ଦିନରେ ତିବିକ୍ରମ ବେଶ, ଚତୁର୍ଥ ଦିନରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ ପଞ୍ଚମ ଦିନ ବା ଶେଷ ଦିନରେ ରତ୍ନ ସିଂହାସନରେ ସୁନା ବେଶ ବା ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥାନ୍ତି । ଏହି ସମୟରେ ତୁଳସୀପତ୍ର ଚଢାଇ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ସମସ୍ତ ଦେବତା ପ୍ରସନ୍ନ ହୋଇ ବର ପ୍ରଦାନ କରିଥାନ୍ତି । ଏହି ସମୟରେ ପ୍ରତ୍ୟେକ ଦିନ ଗୀତାର ଗୋଟିଏ ଗୋଟିଏ ଶ୍ଲୋକ ପାଠ କଲେ ମନୁଷ୍ୟ ଜୀବନ ମୁକ୍ତି ପାଇଥାଏ ।

ଏହି ପାଞ୍ଚ ଦିନକୁ ଭୀଷ୍ମ ପଞ୍ଚୁକ କୁହାଯିବାର ପୌରାଣିକ ରହସ୍ୟ ହେଉଛି – ଶରଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବର୍ଣ୍ଣନା କରିଥିଲେ, ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ ଶୁଣିଥିଲେ ଓ ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ କହିଲେ ଆପଣ ଧନ୍ୟ ପିତାମହ ଓ ଆପଣ କାର୍ତ୍ତିକ ଏକାଦଶୀ ଦିନ ଜଳର ଯାଚନା କରିଛନ୍ତି । ଏହାପରେ ପିତାମହ ପାଣି ମାଗିବାରୁ ଅର୍ଜୁନ ସର ସାହାଯ୍ୟରେ ଭୂମି କ୍ଷେପଣ କରି ଜଳ ପ୍ରଦାନ କରିଥିଲେ । ଏଥିସହ ଏହି ୫ ଦିନରେ ଯିଏ ଆପଣଙ୍କୁ ଜଳ ଅର୍ଘ୍ୟ ପ୍ରଦାନ କରିବେ ସେ ଆପଣଙ୍କୁ ତୃପ୍ତ କରିପାରିବେ । ଏହି କାରଣରୁ ସେବେଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ ଦିନ ଭୀଷ୍ମ ପଞ୍ଚୁକ ଭାବେ ମଧ ପାଳନ କରାଯାଇଥାଏ । ଅନେକ ବ୍ୟକ୍ତି ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଏହି ବ୍ରତ ପାଳନ କରିଥାନ୍ତି ।

ଏହି ମାସରେ ଆମିଷ ନ ଖାଇବାର ଧର୍ମ ସମ୍ମତ କାରଣ ଅଛି ଓ ଏହି ମାସରେ ମାଛମାନଙ୍କୁ ରୋଗ ହୋଇଥାଏ । ତେଣୁ ଆମ ଧର୍ମ ଧାରଣା, ଅନ୍ଧବିଶ୍ୱାସ ନୁହେଁ-ବିଜ୍ଞାନ, ଆଧ୍ୟାତ୍ମିକତା ଆଧାରିତ ଓ ସେହିଭଳି ପ୍ରାତଃ ସ୍ନାନ ଶରୀର ପକ୍ଷେ ହିତକର ହୋଇଥାଏ । ଏହି କାରଣରୁ କାର୍ତ୍ତିକ ମାସ ସାରା ପ୍ରାତଃ ସ୍ନାନ କରି ଲୋକମାନେ ବ୍ରତ ପାଳନ କରିଥାନ୍ତି । ଯେଉଁମାନେ ମାସ ସାରା କରିପାରନ୍ତି ନାହିଁ ସେମାନେ ଏହି ୫ ଦିନ ବ୍ରତ ପାଳନ କରିଥାନ୍ତି । ସେମାନେ ମୋକ୍ଷ ଲାଭ କରିଥାନ୍ତି ।

## ବର୍ଷକୁ ଥରେ ମାତ୍ର ଖୋଲାଯାଏ କାର୍ତ୍ତିକେୟଙ୍କ ମନ୍ଦିର

ପୌରାଣିକ ମାନ୍ୟତା ଅନୁସାରେ ବାର ମାସରେ ସବୁଠାରୁ ଶ୍ରେଷ୍ଠ ମାସ କାର୍ତ୍ତିକ । ଏହି ଦିନ କାର୍ତ୍ତିକେୟଙ୍କ ପୂଜାର ବିଶିଷ୍ଟ ମହତ୍ତ୍ୱ ରହିଛି । ଏହି ମାସ ପ୍ରଭୁ କାର୍ତ୍ତିକେୟଙ୍କ ସାଧନାର ମାସ ଭାବରେ ବିବେଚନା କରାଯାଏ ।



ଏହି ମାସରେ ଗୋଟିଏ ଦିନ କାର୍ତ୍ତିକେୟଙ୍କ ମନ୍ଦିର ଖୋଲାଯାଏ । ଶାସ୍ତ୍ର ଅନୁସାରେ ଶଙ୍କର ଭଗବାନଙ୍କ ଆଜ୍ଞାନୁସାରେ ଯେତେବେଳେ କାର୍ତ୍ତିକେୟ ଓ ଗଣେ ପୃଥିବୀ ପରିକ୍ରମା ପାଇଁ ବାହାରିଲେ କାର୍ତ୍ତକେୟ ମୟୁର ଉପରେ ବସି ପୃଥିବୀ ପରିକ୍ରମା କଲେ । ବହୁଦିନ ପର୍ଯ୍ୟନ୍ତ କାର୍ତ୍ତିକେୟ ପୃଥିବୀ ପରିକ୍ରମା କଲେ ତଥାପି ପରିକ୍ରମା ଶେଷ ହେଲା ନାହିଁ । ଏପଟେ ଗଣେଶ ଧୀରେ ଧୀରେ ନିଜର ମାତା-ପିତାଙ୍କ ଚାରିପଟେ ଘୁରି ଆସି ବୁଦ୍ଧିମାନର ପରିଚୟ ଦେଇଥିଲେ । ପରେ ପରେ ଗଣେଶଙ୍କ ବିବାହ କାର୍ଯ୍ୟ ସଂପାଦନ ହେଲା । କାର୍ତ୍ତିକେୟ ଯେତେବେଳେ ପୃଥିବୀ ପରିକ୍ରମା କରି ଆସିଲେ ଏକଥା ଜାଣି କ୍ରୋଧିତ ହେଲେ ଏବଂ ତପସ୍ୟା କରିବାକୁ ଚାଲିଗଲେ । ଶଙ୍କର-ପାର୍ବତୀ କାର୍ତ୍ତିକେୟଙ୍କୁ ମନାଇବାକୁ ଗଲେ କାର୍ତ୍ତିକୟେ କହିଲେ ଯେଉଁ ସ୍ତ୍ରୀ ତାଙ୍କୁ ଦର୍ଶନ କରିବ ସେ ସାତଜନ୍ମ ପର୍ଯ୍ୟନ୍ତ ବିଧବା ରହିବ । ଏବଂ ଯେଉଁ ପୁରୁଷ ଦର୍ଶନ କରିବ ସାତ ଜନ୍ମ ପର୍ଯ୍ୟନ୍ତ ନର୍କ ଯନ୍ତ୍ରଣା ଭୋଗିବ । ତେଣୁ ଶିବ ଏବଂ ପାର୍ବତୀ ପଚାରିଲେ କେଉଁଦିନ ତୁମର ଦର୍ଶନ ମିଳିପାରିବ । ତେବେ କାର୍ତ୍ତିକେୟ କହିଲେ - କାର୍ତ୍ତିକ ପୂର୍ଣ୍ଣିମା ଦିନ ଯିଏ ମୋର ଦର୍ଶନ କରିବ ତାର ସମସ୍ତ ମନସ୍କାମନା ପୂର୍ଣ୍ଣ ହେବ । ସେହି ଦିନଠାରୁ କାର୍ତ୍ତିକେୟଙ୍କ ମନ୍ଦିର ବର୍ଷକୁ ମାତ୍ର ଗୋଟିଏ ଦିନ ଖୋଲିଥାଏ । ଏହି ମନ୍ଦିରରେ ଗଙ୍ଗା, ଯମୁନା, ସରସ୍ୱତୀ, ହନୁମାନ, ଲକ୍ଷ୍ମୀ, ନାରାୟଣ ଓ ଭଗବାନ କାର୍ତ୍ତିକେୟଙ୍କୁ ପୂଜା କରାଯାଏ । ତେବେ କାର୍ତ୍ତିକେୟଙ୍କ ମନ୍ଦିର ବର୍ଷକୁ କେବଳ କାର୍ତ୍ତିକ ପୂର୍ଣ୍ଣିମା ଦିନ ଖୋଲିଥାଏ ।

୪୦୦ ବର୍ଷର ପରମ୍ପରା ଅନୁସାରେ ଏହି ମନ୍ଦିର କାର୍ତ୍ତିକ ପୂର୍ଣ୍ଣିମା ରାତି ୧୨ଟାରେ ଖୋଲିଥାଏ । ସକାଳେ ଅଭିଷେକ ସହିତ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭଜନ-କୀର୍ତ୍ତନ ଆଦି ଅନୁଷ୍ଠିତ ହୁଏ ।

# ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ : ସୁରେଶ

**ଭୁବନେଶ୍ୱର,୪।୧୧ (ମହାଭାରତ):** ଜଳସେଚନ ପ୍ରକଳ୍ପ ନାମରେ ପୂର୍ବ ସରକାର ଉଭୟ ବିଜେଡି ଏବଂ କଂଗ୍ରେସ ଦଳ ବିସ୍ଥାପିତଙ୍କୁ ଅନେକ ପ୍ରତାରଣା କରିଛନ୍ତି। ବିଭିନ୍ନ ସମସ୍ୟା ଘେରରେ ଥିବା ଅନେକ ବିସ୍ଥାପିତ ପରିବାର ଆଜି ମଧ୍ୟ ନିଜ ନ୍ୟାୟ ଓ ହକ ପାଇଁ ଲଢେଇ କରୁଛନ୍ତି। ବିସ୍ଥାପିତଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଜେପି ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାରରେ କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଅନେକ ସମସ୍ୟା ଗୁଡ଼ିକୁ ଦେଖି ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି । ବିସ୍ଥାପିତଙ୍କ ଜମିକୁ ଶାଗ ମାଛ ଦରରେ ବିକ୍ରୀ, ବକେୟା ଥଇଥାନ ସହାୟତା ରାଶି ପ୍ରଦାନ, ଭୂମିହୀନ ବିସ୍ଥାପିତ ପରିବାରକୁ ଥଇଥାନ ଓ ସହାୟତା ରାଶି ପ୍ରଦାନ, ଆଂଶିକ ଓ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନରେ ପାତର ଅନ୍ତର ବନ୍ଦ ଭଳି ଅନେକ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।ବିଜେପି ସରକାରର ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହିତ ଅଞ୍ଚଳର ବିକାଶ ପାଇଁ ବିଜେପି ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆଙ୍କୁ ବିପୁଳ ସଂଖ୍ୟାରେ ପଦ୍ମ ଚିହ୍ନରେ ବିଜୟୀ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ଝିଅମାନଙ୍କ ରକ୍ତହୀନତା ଦୂର ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୪।୧୧ (ମହାଭାରତ):** ଚଳିତ ନଭେମ୍ବର ୩ ତାରିଖ ସୋମବାର ଦିନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଭୁବନେଶ୍ୱରର ୟୁନିଟ୍-୨ସ୍ଥିତ କ୍ୟାପିଟାଲ ଗାର୍ଲ୍ସ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍କୁଲର ସୁସ୍ଥ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସ୍କୁଲ ଝିଅମାନଙ୍କର ରକ୍ତହୀନତା ଦୂର କରିବା ପାଇଁ ଛାତ୍ରୀମାନଙ୍କୁ ବିଟ୍-ଗାଜର ଜୁସ ଏବଂ ବାଦାମ ଚିକ୍କି ବଂଟନ କରି ରାଜ୍ୟପାଳ ଏକ ସ୍ୱତନ୍ତ୍ର ଦୁଇମାସିଆ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ ଅଧିନରେ ସ୍କୁଲର ଛାତ୍ରୀମାନେ ଆଗାମୀ ଦୁଇମାସ ପାଇଁ ବିଟ୍-ଗାଜର ଜୁସ୍ ଓ ବାଦାମ ଚିକ୍କି ପାଇବେ। ଉକ୍ତ କାର୍ଯ୍ୟକ୍ରମ ସମୟରେ ରାଜ୍ୟପାଳ ଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ କରି କିଶୋରୀ ଝିଅମାନଙ୍କ ମଧ୍ୟରେ ରକ୍ତହୀନତାର ସମସ୍ୟା ଉପରେ ଚିନ୍ତା ପ୍ରକଟ କରିଥିଲେ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ସଂପର୍କରେ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ସରଳ ଖାଦ୍ୟ ଅଭ୍ୟାସ ଜଣଙ୍କର ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ। ଗାଜର-ବିଟ୍ ଜୁସ୍ ଏବଂ ଚିକ୍କି ଭଳି




ଖାଦ୍ୟ ସାମଗ୍ରୀ ହିମୋଗ୍ଲୋବିନ ସ୍ତରକୁ ଉନ୍ନତ କରିବାରେ ସରଳ, ସୁଲଭ ଓ ପ୍ରଭାବଶାଳୀ ହୋଇପାରିବ। ଝିଅମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ପାଇଁ ରାଜ୍ୟପାଳ ଉତ୍ସାହିତ କରି କହିଥିଲେ ଯେ ଦୁଇମାସ ପରେ ଯଦି ତୁମେ ଜାଣିବ ଯେ ତୁମର ହିମୋଗ୍ଲୋବିନ ସ୍ତରରେ ଉନ୍ନତି ହୋଇଛି, ତେବେ ପିତାମାତା/ଅଭିଭାବକଙ୍କୁ କହି ଏପରି ସୁସ୍ଥ ଖାଦ୍ୟାଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସ୍କୁଲମାନଙ୍କରେ ନିୟମିତ ଦୃଷ୍ଟିଶକ୍ତି ପରୀକ୍ଷାର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରି କହିଥିଲେ ଯେ, ଅନେକ ପିଲା ସେମାନଙ୍କର ଦୃଷ୍ଟି ଶକ୍ତି ସମସ୍ୟା ବିଷୟରେ ଅଜ୍ଞ ରହିଥାନ୍ତି। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଶକ୍ତି ପରୀକ୍ଷା କରାଯିବା ଉଚିତ ଏବଂ ଯଦି କୌଣସି ସମସ୍ୟା ଦେଖାଯାଏ, ତେବେ ପିତାମାତାଙ୍କୁ ଜଣାଇଲେ ତୁରନ୍ତ ପଦକ୍ଷେପ ନିଆଯାଇପାରିବ। ଏଦିଗରେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ରାଜ୍ୟପାଳ ବିହିତ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ଅମ୍ଳାନ କାର୍ଯ୍ୟକ୍ରମ ଏବଂ ସେମାନଙ୍କ ସ୍କୁଲରେ କରାଯାଇଥିବା ଚକ୍ଷୁ ପରୀକ୍ଷା ସଂପର୍କରେ ଅଭିଜ୍ଞତା ବାଂଟିବା ସହିତ ରାଜ୍ୟପାଳଙ୍କ ସହ ସିଧାସଳଖ ଭାବ ବିନିମୟ କରିଥିଲେ। ସେମାନେ ସ୍କୁଲର ଭିତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, ହଷ୍ଟେଲ ଏବଂ ଶିକ୍ଷାଗତ ସଫଳତା ପ୍ରଦର୍ଶନ ସଂପର୍କରେ ଉପସ୍ଥାପନା କରିଥିଲେ। ଭାବବିନିୟ ଅବସରରେ ପିଲାମାନେ ରାଜ୍ୟପାଳଙ୍କୁ ତାଙ୍କର ଆଦର୍ଶ, ପ୍ରିୟ ବିଷୟ ଏବଂ ସଫଳତା ହାସଲ ସଂପର୍କରେ ପ୍ରଶ୍ନ ପଚାରିଥିଲେ ଏବଂ ରାଜ୍ୟପାଳ ଉତ୍ତର ଦେଇଥିଲେ। ପିଲାମାନେ ବଡ ସ୍ୱପ୍ନ ଦେଖିବା, ଶୃଙ୍ଖଳିତ ହୋଇ ସେମାନଙ୍କର ଲକ୍ଷ ହାସଲ କରିବା ପାଇଁ କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୯୫୮ ମସିହାରେ ପ୍ରତିଷ୍ଠିତ କ୍ୟାପିଟାଲ ଗାର୍ଲ୍ସ ହାଇସ୍କୁଲରେ ଭାରତର ରାଷ୍ଟ୍ର ତି ଶ୍ରୀମତୀ ଦୌପଦୀ ମୁର୍ମୁ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱ ପାଠ ପଢ଼ିଥିବାରୁ ଏହି ବିଦ୍ୟାଳୟର ଗୌରବମୟ ଐତିହ୍ୟ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକରା, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକ

**ଭୁବନେଶ୍ୱର,୪।୧୧ (ମହାଭାରତ):** ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଜିଲ୍ଲାର ଅଗ୍ରଣୀ ଶିକ୍ଷକ ନେତୃତ୍ୱମାନଙ୍କ ଏକ ବୈଠକ ରବିବାର ଭୁବନେଶ୍ୱର ଖାରବେଳ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ଏଯାବତ ପ୍ରାଥମିକ ଶିକ୍ଷକମାନଙ୍କ କୌଣସି ସମସ୍ୟାର ସମାଧାନ କରିନାହାଁନ୍ତି। ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ଶିକ୍ଷା ଅଧିକାର ଅଧିନିୟମକୁ ଅନୁପାଳନ କରିବା ସହିତ ଖାଦ୍ୟ ସୁରକ୍ଷା ଆଇନ, ସ୍ୱାସ୍ଥ୍ୟ ସଚେତନ ତଥା ଏନ୍‌ଡିଡି କାର୍ଯ୍ୟକ୍ରମ ତତ୍‌ସହିତ ନାନାଦି ଅଣଶୈକ୍ଷିକ କାର୍ଯ୍ୟକ୍ରମର ବୋଝ ଲଦି ଦେଉଛନ୍ତି। ଅଧୁନା ୟୁଏଏସ୍ ନାମକ ଏକ ଡିଜିଟାଲ କାର୍ଯ୍ୟକ୍ରମ, ଯାହା ବ୍ୟକ୍ତିର ଗୋପନୀୟତା ତଥା ଆର୍ଥିକ ଦେଣନେଣ ପ୍ରତି ବିପଦ ଆଶଙ୍କିତ ଯୋଜନା ଶିକ୍ଷକମାନଙ୍କୁ ମାନସିକ ବିଷାଦ ପ୍ରଦାନ କରୁଅଛି। ବୈଠକରେ ଧନଞ୍ଜୟ ନାଏକ, ଶିଶିରୁ ଖଟୁଆ, ଅଜୟ କୁମାର ଧଳ, ପଦ୍ମଲୋଚନ ନାୟକ ଉପସ୍ଥିତ ଥିଲେ।

# ହିନ୍ଦୀ ଭାଷା ପ୍ରଗତିର ଭାଷା ହେଉ

**ଭୁବନେଶ୍ୱର,୪।୧୧ (ମହାଭାରତ):** ହିନ୍ଦୀ କେବଳ ଭାବନାର ଭାଷା ନହୋଇ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଗତିର ଭାଷା ହେଉ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଚଳିତ ନଭେମ୍ବର ୨ ତାରିଖ ରବିବାର ଅପରାହ୍ନରେ ରାଜଭବନର ନିଉ ଅଭିଷେକ ହଲଠାରେ ବିଶ୍ୱ ହିନ୍ଦୀ ପରିଷଦ, ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଗତ ଦଶନ୍ଧି ଧରି ଏହି ସଂଗଠନ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ଏବଂ ସମୃଦ୍ଧି ପାଇଁ ନିଷ୍ଠା, ପ୍ରତିବଦ୍ଧତା ଏବଂ ଉତ୍ସାହର ସହିତ କାର୍ଯ୍ୟ କରିଆସୁଛି। ଆଜିର ସମାରୋହ କେବଳ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ଲେଖକ ଏବଂ ବିଦ୍ୱାନମାନଙ୍କୁ ସମ୍ମାନିତ କରିବାର ଅବସର ନୁହେଁ, ବରଂ ହିନ୍ଦୀର ବିକାଶ, ସଂରକ୍ଷଣ ଏବଂ ଗୌରବ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବାର ମଧ୍ୟ ଏକ ଅବସର। ଜନ କଲ୍ୟାଣ ଏବଂ ସାର୍ବଜନୀନ କଲ୍ୟାଣର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ, ବିଶ୍ୱ ହିନ୍ଦୀ ପରିଷଦ ହିନ୍ଦୀ ପ୍ରେମୀ, ଲେଖକ ଏବଂ ବିଦ୍ୱାନମାନଙ୍କୁ ଏକ ମଂଚରେ ଏକତ୍ରିତ କରିବା ପାଇଁ କାର୍ଯ୍ୟ କରିଛି। ଶ୍ରୀ ୱାଇ. ଲକ୍ଷ୍ମୀ ପ୍ରସାଦଙ୍କ ପ୍ରେରଣାଦାୟକ ନେତୃତ୍ୱରେ ପରିଷଦ ହିନ୍ଦୀକୁ କେବଳ ସାହିତ୍ୟ ଏବଂ କବିତାର ଭାଷା ଭାବରେ ନୁହେଁ, ବରଂ ଜ୍ଞାନ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ଭାଷା ଭାବରେ ପ୍ରତିଷ୍ଠିତ କରିବାରେ ପ୍ରଶଂସନୀୟ କାର୍ଯ୍ୟ କରିଛି। ହିନ୍ଦୀ କେବଳ ଏକ ଭାଷା ନୁହେଁ, ବରଂ ଏକ ଭାବପ୍ରବଣତାର ସେତୁ ଯାହା ଭାରତର ବିବିଧ ସଂସ୍କୃତିକୁ ଏକତ୍ର କରେ। ଏହା କୋଟି କୋଟି ଭାରତୀୟଙ୍କ ଭାବନାର ଭାଷା ଏବଂ ଆମର ଜାତୀୟ ପରିଚୟର ଏକ ଶକ୍ତିଶାଳୀ ପ୍ରତୀକ। ଆଜି ହିନ୍ଦୀ ବିଶ୍ୱ ସ୍ତରରେ ମଧ୍ୟ ଭାରତର ଆତ୍ମା ଏବଂ ମୂଲ୍ୟବୋଧକୁ ପ୍ରତିନିଧିତ୍ୱ କରେ ବୋଲି ରାଜ୍ୟପାଳ କହିଥିଲେ।



ଜାତୀୟ ଶିକ୍ଷା ନୀତି ୨୦୨୦ ଏହି ଦୃଷ୍ଟିକୋଣକୁ ସାକାର କରେ। ଏହି ନୀତି ମାତୃଭାଷା କିମ୍ବା ଆଂଚଳିକ ଭାଷାରେ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦିଏ, ଯାହା ଆମର ଭାଷାଗତ ବିବିଧତା ଏବଂ ଜାତୀୟ ଏକତାକୁ ସୁଦୃଢ଼ କରିବ। ବର୍ତ୍ତମାନ ଆମର ଯୁବପିଢ଼ି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଆଇନ ଏବଂ ପ୍ରଶାସନ ଭଳି କ୍ଷେତ୍ରରେ ହିନ୍ଦୀ ମାଧ୍ୟମରେ ବିଶ୍ୱସ୍ତରୀୟ ଶିକ୍ଷା ପାଇପାରିବେ। ଏହି ପଦକ୍ଷେପ ହିନ୍ଦୀକୁ ବିଶ୍ୱସ୍ତରୀୟ ବ୍ୟବହାରିକ, ଉପଯୋଗୀ ଏବଂ ସମ୍ମାନଜନକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପା କହିଥିଲେ ଭାଷା ହେଉଛି ଜାତୀୟ ଏକତାର ମୂଳଦୁଆ। ଆଜି ସାହିତ୍ୟ, ସିନେମା, ଶିକ୍ଷା ଏବଂ କୂଟନୀତି କ୍ଷେତ୍ରରେ ହିନ୍ଦୀ ଯେଉଁ ପ୍ରଗତି କରୁଛି ତାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଏହି ଅବସରରେ ସମ୍ମାନିତ ହୋଇଥିବା ସମସ୍ତ ବିଦ୍ୱାନ ଏବଂ ଲେଖକଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ। ଏହି ସମାରୋହରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବିଶ୍ୱ ହିନ୍ଦୀ ପରିଷଦର ସଭାପତି ପଦ୍ମଶ୍ରୀ ଓ ପଦ୍ମଭୂଷଣ ୱାଇ. ଲକ୍ଷ୍ମୀ ପ୍ରସାଦ, ସାଧାରଣ ସମ୍ପାଦକ ଡ. ବିପିନ କୁମାର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱ ହିନ୍ଦୀ ପରିଷଦ, ଓଡ଼ିଶା ପ୍ରାନ୍ତର ସଭାପତି ବିକ୍ରମାଦିତ୍ୟ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶେଷରେ ବିଶ୍ୱ ହିନ୍ଦୀ ପରିଷଦ ନୂଆ ଦିଲ୍ଲୀର ଉପ ସଭାପତି ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କ ନିମନ୍ତେ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୪।୧୧ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ କ୍ୟାମ୍ପସ-୨ ଫୁଲନଖରାରେ ସୋମବାର ୨୦୨୫-୨୬ ପ୍ରଥମ ବ୍ୟାଚର ନୂତନ ବି ଫାର୍ମା ଛାତ୍ରଛାତ୍ରୀଙ୍କର ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଆର୍‌ଏନ୍‌ଡି ଲାବୋରେଟୋରୀସ୍ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବେନ୍ଦ୍ର ନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ଏକ ମହାନ ବୃତି ବୋଲି କହିଥିଲେ। ଜଣେ ଫାର୍ମାସିଷ୍ଟ ସ୍ୱାସ୍ଥ୍ୟ ସେବା ସହ ସମାଜର ହିତ ସାଧନ କ୍ଷେତ୍ରରେ କାର୍ଯ୍ୟ କରିଥାଏ ବୋଲି କହିବା ସହ ବର୍ତମାନ ସମୟରେ ଫାର୍ମାସୀ ଭଳି ବୃତିଗତ ଶିକ୍ଷାର ବେଶ ଚାହିଦା ଥିବାରୁ ଛାତ୍ରଛାତ୍ରୀମାନେ ଫାର୍ମାସୀ ପାଠ୍ୟକ୍ରମ ପ୍ରତି ଅଧିକ ମାତା ଆଗ୍ରହ ଦେଖାଉଛନ୍ତି ବୋଲି ଶ୍ରୀ ଦାସ କହିଥିଲେ। କୋଭିଡ ସମୟରେ ଫାର୍ମାସିଷ୍ଟମାନେ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲେ। କଠିନ ପରିଶ୍ରମ, ସମୟାନୁବର୍ତୀତା, ନୈତିକତା ଓ ମୂଲ୍ୟବୋଧ ଛାତ୍ରଛାତ୍ରୀ ମାନଙ୍କ ଠାରେ ରହିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଥିଲେ।

ସେହିପରି ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ସୋଆକୁ ଅଧ୍ୟୟନ କରିବାକୁ ଚୟନ କରିଥିବା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ଏସପିଏସ୍-୧ ଏବଂ ଏସ୍‌ପିଏସ୍-୨ର ଉପଦେଷ୍ଟା ପ୍ରଫେସର (ଡକ୍ଟର) ସୁଦାମ ଚରଣ ସି, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ରହି ନୂତନ ବର୍ଷର ଛାତ୍ରଛାତ୍ରୀଙ୍କ ଅଭିନନ୍ଦନ ଜଣାଇବା ସହ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଫାର୍ମାସୀ-୨ର ଡିନ୍ ପ୍ରଫେସର ଦୁର୍ଗାମାଧବ କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର (ଡକ୍ଟର) ଲକ୍ଷ୍ମୀଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଫାର୍ମାସୀ ପାଠ୍ୟକ୍ରମ ଓ ସୋଆ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏସ୍‌ପିଏସ୍-୨ର ଆସିଷ୍ଟାଂଟ ପ୍ରଫେସର ମୋନାଲିସା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା କ୍ରିକେଟ ବିଶ୍ୱକପରେ କୋକା-କୋଲାର ସହଭାଗିତା

**ଭୁବନେଶ୍ୱର,୪।୧୧ (ମହାଭାରତ):** ଆଇସିସି ମହିଳା କ୍ରିକେଟ ବିଶ୍ୱକପ ସେମି-ଫାଇନାଲ ନଭି ମୁମ୍ବାଇରେ, ସତେଜତା ଏବଂ ଧ୍ୱନିର ଢ଼େଉକୁ ଆଣିଦେବା ପାଇଁ, କୋକା-କୋଲା ହାଫଟାଇମ ଅଭିଯାନ ଏକ ଆମ୍ଭରା ଫେରସ୍ତ ଆଣିଛି, ଯାହାକି ମ୍ୟାଚ୍‌ର ଏହି ଚ୍ମତ୍କାରୀତାକୁ କ୍ରିକେଟ ଋତୁର ଉତ୍ସାହ ପ୍ରଦତାରେ ପାଳନ କରୁଅଛି। ସଙ୍ଗୀତ ଏବଂ ଆନନ୍ଦର ଲହର ମଧ୍ୟରେ, ଏହି ବିରତି ବାସ୍ତବରେ ଏକ ସତେଜର ମୁହୂର୍ତ, ଆନନ୍ଦ ତଥା ପୁନଃସଂଯୋଗୀକରଣ ହୋଇପାରିଛି। କୋକ-ଷ୍ଟୁଡ଼ିଓ ଭାରତର ସଙ୍ଗୀତ ଏବଂ ତ୍ରୁଟିଶୂନ୍ୟ ଭୁରଭୁର ହେଉଥିବା ଶିତଳରେ ଭରପୁର କୋକା-କୋଲାକୁ ନେଇ ଏହି ହାଫଟାଇମ ସେହି ଉନ୍ମାଦନାକୁ ନେଇ ପୁଣି ଜୀବନ୍ତ ହୋଇଛି ଯାହାକି ସେହି ଖେଳ ନିଜକୁ ନିଜେ ପ୍ରତିପାଦିତ କରିଛି। ଆଦିତ୍ୟ ଗଢ଼ଭି ଖେଳର ମଧ୍ୟାହ୍ନ-ଇନିଙ୍ଗସରେ ଏହାର କେନ୍ଦ୍ର ସ୍ଥଳରେ ନିଜର ନୈପୁଣ୍ୟତାର ପ୍ରତିପାଦନ କରିବେ ଯାହାକି ଯଥାର୍ଥରେ ଉପସ୍ଥିତ ଲୋକାରଣ୍ୟକୁ ଆନନ୍ଦ ପ୍ରଦାନ କରିବ ଯାହା ଖଲାସୀ ସହିତ, କାନନେସଲାୟନ ବିଜୟୀର ଆନ୍ଥେମକୁ ଆବିଷ୍କାର କରିବା ସହିତ ମିଠା ଖାରାର ସେହି ଗୁଜୁରାଟି ଲୋକ ପରମ୍ପରାର ସଂଯୋଗକାରୀ ଉତ୍ସର୍ଗୀକୃତତାକୁ ଉପସ୍ଥାପନ କରିବ। ଏହି ନୈପୁଣ୍ୟତା କୋକ-ଷ୍ଟୁଡ଼ିଓ ଭାରତର ମୌଳିକତାକୁ ଧରି ରଖିବା ସହିତ, କୋକା-କୋଲାର ସେହି ସଙ୍ଗୀତ ମଂଚ୍‌କୁ ଭାରତୀୟ ମାନଙ୍କ ହୃଦୟ ମନ୍ଦିରରେ ପୁନଃଭାବନାକାରୀ କରିପାରିବ ଯାହାକି ପ୍ରାମାଣିକ ଆଂଚ୍ଳିକ କଳାକୃତିର ଛାପକୁ ପାଳନ କରିବା ସହିତ ସ୍ଥାନୀୟ ସ୍ୱରକୁ ବିଶ୍ୱସ୍ତରର ଦର୍ଶକ ମାନଙ୍କ ପାଖରେ ପହଂଚ୍ାଇ ପାରିବ। ଏହି ମଂଚ୍‌ର ପ୍ରାମାଣିକତାର ପ୍ରତିଶ୍ରୁତି ବଦ୍ଧତା ଭାରତର ସବୁଠାରୁ ମଜବୁତ ସଙ୍ଗୀତମୟ ଗଣତାନ୍ତ୍ରିକ ଭାବ ଧାରାକୁ ବିଶ୍ୱ ମଂଚ୍‌ରେ ଘରୋଇ ବୃଦ୍ଧି ପାଉଥିବା ବିଶେଷ ସାମର୍ଥ୍ୟତାକୁ ନେଇ ପ୍ରତିପାଦନ କରିବ।

# ଆପିଲ୍ ମାମଲାର ସମାଧାନ ପାଇଁ କ୍ୟାମ୍ପ କୋର୍ଟ

**ଭୁବନେଶ୍ୱର,୪।୧୧ (ମହାଭାରତ):** ନାଗରିକ-କୈନ୍ଦ୍ରିକ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ,ଶନିବାର ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୪୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୪୦ ଟି ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ।ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ।କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

# ଆଇଏଏସ୍‌ରେ ଛାତ୍ରଛାତ୍ରୀଙ୍କ ଅନୁସ୍ଥାପନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୪।୧୧ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍ (ଆଇଏଏସ)ର ୧୩ ତମ ବ୍ୟାଚ ବିଏସ୍‌ସି (ଏଗ୍ରିକଲ୍‌ଚର) ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ, ମୂଲ୍ୟବୋଧ ଓ ଏହା ପ୍ରଦାନ କରୁଥିବା ସୁଯୋଗ ସହିତ ପରିଚିତ କରାଯାଇଥିଲା।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ବ୍ୟବସ୍ଥା ଓ ସମ୍ବଳର ସୁଯୋଗ ନେବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଅନୁଯୋଗ କରିଥିଲେ। ସେମାନଙ୍କୁ ସେ ଶୃଙ୍ଖଳିତ ହେବା ସହ ଅଧ୍ୟବସାୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଆଇସିଏଆର-ସିଆରଆରଆଇର ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ବର୍ତମାନ ପରିସ୍ଥିତିରେ ପୋଷଣୀୟ ଓ ଜଳବାୟୁକୁ ଦୃଷ୍ଟିରେ ରଖି କୃଷି କାର୍ଯ୍ୟ ବିଷୟରେ ମତ ରଖିଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଶିକ୍ଷାନୁଷ୍ଠାନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ପ୍ରଫେସର ବିବୁଧ ପରାଶର



ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ପ୍ରଭାତ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଏସ.କେ. ପଣ୍ଡା, ପ୍ରଫେସର ଏସ୍.ଏସ୍ ମହାପାତ୍ର, ଡକ୍ଟର ଏସ୍.କେ. ମହାନ୍ତି, ଡକ୍ଟର ଦିପ୍ତାନୁ ଦତ, ଡକ୍ଟର ବି.ଏନ୍ ଅଧିକାରୀ, ପ୍ରଫେସର ବି.ଡି ପ୍ରଧାନ, ଡକ୍ଟର ଆର. ଆର ଶତପଥୀ, ଜନ୍ ଜୀତ, ଡକ୍ଟର ଏସ୍.ସି ସେନାପତି ଏବଂ ଡକ୍ଟର ଟି.କେ. ମିଶ୍ର ବିଭିନ୍ନ ଅଧିବେଶନରେ ବକ୍ତବ୍ୟ ରଖିଥିଲେ।

# ଉଦ୍ଭିଦର ମାନବ ଶରୀର ଉପରେ ବିଷାକ୍ତ ପ୍ରଭାବକୁ ନେଇ ଗବେଷଣା

**ଭୁବନେଶ୍ୱର,୪।୧୧ (ମହାଭାରତ):** ଭାରତରେ ଅବସ୍ଥିତ ପ୍ରାଚୀନ ସାଇକାଡ, ସ୍ଥାନୀୟ ଭାଷାରେ ଜଣାଶୁଣା ଅରୁଗୁଣ ଉଦ୍ଭିଦ। ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ମଧ୍ୟ ଏହି ପ୍ରାଚୀନ ଅରୁଗୁଣ ଗଛ ଉପଲବ୍ଧ। ତେବେ, ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ତଥ୍ୟ ଅନୁସାରେ, ବୈଜ୍ଞାନିକମାନେ ଓଡ଼ିଶାର ଜଙ୍ଗଲରେ ମିଳୁଥିବା ତଥା ସ୍ଥାନୀୟ ଅଞ୍ଚଳରେ ଭେରୁ ଭାବେ ଜଣାଶୁଣା ଏହି ଉଦ୍ଭିଦର ବିଭିନ୍ନ ପ୍ରଜାତିରେ, ଏକ ସମ୍ଭାବ୍ୟ ନ୍ୟୁରୋଟକ୍ସିନ୍ ଚିହ୍ନଟ କରିଛନ୍ତି। ଆମ ରାଜ୍ୟର ଖୋର୍ଦ୍ଧା, ଢେଙ୍କାନାଳ ଆଦି ଜିଲ୍ଲାର କିଛି ଗ୍ରାମରେ, ସ୍ଥାନୀୟ ଜନସଂଖ୍ୟାର କିଛି ଅଂଶ, ଏହି ଗଛର ଫଳକୁ ସେମାନଙ୍କ ଖାଦ୍ୟ ଏବଂ ରୀତିନୀତିର ଅଂଶ ଭାବରେ ପିଠା ଭଳି ଖାଦ୍ୟ ଭାବରେ ଗ୍ରହଣ କରୁଛନ୍ତି। ପୂର୍ବପୁରୁଷରୁ ଚଳିଆସୁଛି ଏହି ପରମ୍ପରା। ମାତ୍ର ଆରୁଗୁଣ ବୃକ୍ଷରେ ବିଷାକ୍ତ ପ୍ରଭାବ ଜଣାପଡ଼ିବା ପରେ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏହି ସେବନ ଅଭ୍ୟାସଗୁଡ଼ିକ ବିଭିନ୍ନ ଜଟିଳ ସ୍ନାୟୁବିକ(ନ୍ୟୁରୋଲୋଜିକାଲ) ରୋଗର ବର୍ଦ୍ଧିତ ଘଟଣା ସହିତ ସିଧାସଳଖ ଜଡିତ କି ନାହିଁ ତାହା ଏମ୍ସ ଭୁବନେଶ୍ୱର ପକ୍ଷରୁ ଆରମ୍ଭ ହୋଇଥିବା ଏକ ନୂତନ ଗବେଷଣାର କେନ୍ଦ୍ରବିନ୍ଦୁ ପାଲଟିଛି। କାରଣ, ଜାପାନ ଆଦି ରାଷ୍ଟ୍ରଗୁଡ଼ିକରେ ଏହି ଉଦ୍ଭିଦ ସେବନ ଫଳରେ ନାନା ରୋଗ ସୃଷ୍ଟି ହେଉଥିବା ପ୍ରମାଣିତ ହୋଇସାରିଛି। ଏହି ପ୍ରଶ୍ନର ସମାଧାନ ପାଇଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ବୈଜ୍ଞାନିକ ଏବଂ ଚିକିତ୍ସା ବିଶେଷଜ୍ଞଙ୍କ ଏକ ବିଶିଷ୍ଟ ଗୋଷ୍ଠୀ 'ସାଇକାଡ-ସମ୍ବନ୍ଧିତ ସ୍ନାୟୁଗତ ବ୍ୟାଧି:ଏହାର ପ୍ରତିକାର ପାଇଁ ଏକ ବହୁ-ପରିମାଣୀୟ ପଦ୍ଧତି' ଶୀର୍ଷକ ଏକ ଅନ୍ତର୍ଜାତୀୟ କର୍ମଶାଳାରେ ଏକତ୍ରିତ ହୋଇଥିଲେ। ଏମ୍ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ଏବଂ ଉତ୍ତର-ପୂର୍ବ ହିଲ୍ ବିଶ୍ୱବିଦ୍ୟାଳୟ (ଏନଇଏଚୟୁ), ଶିଲଂ ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା। ଏହି କର୍ମଶାଳା ସାଇକାଡ୍ସ ସହିତ ଜଡିତ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ଉପରେ ଆଲୋକପାତ କରିଥିଲା। ଏହି ପ୍ରାଚୀନ ଉଦ୍ଭିଦ ପ୍ରଜାତି ଯାହା ୩୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଡାଇନୋସର ସହିତ ସହାବସ୍ଥାନ କରିଥିଲା। ଆଜି ପ୍ରାୟତଃ ଅଳଙ୍କାରିକ ଉଦ୍ଭିଦ ଭାବରେ ବ୍ୟବହୃତ ହେଉଥିବା ଏହି ସାଇକାଡ୍ ପ୍ରଜାତିରେ ସାଇକାସିନ୍, ଏବଂ ମିଥାଇଲାଜୋକ୍ସିମେଥାନଲ୍ ସମେତ ଶକ୍ତିଶାଳୀ ବିଷାକ୍ତ ପଦାର୍ଥ ଥାଏ। ଏହି ବିଷାକ୍ତ ପଦାର୍ଥଗୁଡ଼ିକ ଆମେରିକାର ଗୁଆମ୍ ଉପଦ୍ୱୀପ ଏବଂ ଜାପାନର କିଇ ଉପଦ୍ୱୀପରେ, ଯେଉଁଠାରେ ଉଦ୍ଭିଦଟି ପାରମ୍ପରିକ ଖାଦ୍ୟର ଏକ ସ୍ୱଦେଶୀ ଅଂଶ ହୋଇଆସିଛି। ଫଳସ୍ୱରୁପ ଏହା ପାର୍କିନସନ, ଡିମେନ୍ସିଆ ଭଳି ଜଟିଳ ସ୍ନାୟୁଗତ ରୋଗ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଛି।

# ବଜାଜ ଫାଇନାନ୍ସ ଋଣ ପରିମାଣ ୨୭% ବୃଦ୍ଧି

**ଭୁବନେଶ୍ୱର,୪।୧୧ (ମହାଭାରତ):** ଭାରତର ସର୍ବବୃହତ ଘରୋଇ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ପ୍ରତିଷ୍ଠାନ ଏବଂ ବଜାଜ ଫିନସର୍ଭ ଗ୍ରୁପର ଅଂଶ ବଜାଜ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଏହି ପାର୍ବଣ ଋତୁରେ ଉପଭୋକ୍ତା ଋଣ ଚାହିଦାରେ ତୀବ୍ର ବୃଦ୍ଧି ପରିଲକ୍ଷିତ ହୋଇଛି। କମ୍ପାନୀ ଗତ ବର୍ଷ ତୁଳନାରେ ୨୭% ଅଧିକ ଓ ୨୯% ଅଧିକ ଉପଭୋକ୍ତା ଋଣ ପ୍ରଦାନ କରିଛି। ଉପଭୋକ୍ତା ଋଣରେ ଏହି ବୃଦ୍ଧି ସରକାରଙ୍କ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ବ୍ୟକ୍ତିଗତ ଆୟକର ହାରରେ ପରିବର୍ତ୍ତନର ଏକ ସକାରାତ୍ମକ ଫଳାଫଳ, ଯାହା ଗ୍ରାହକ କ୍ରୟ ଶକ୍ତି ବୃଦ୍ଧି କରିବାକୁ ସହାୟକ ହେଉଛି। ବଜାଜ ଫାଇନାନ୍ସ ସେପ୍ଟେମ୍ବର ୨୨ ରୁ ଅକ୍ଟୋବର ୨୬, ୨୦୨୫ ମଧ୍ୟରେ ପ୍ରାୟ ୬.୩ ନିୟୁତ ଋଣ ପ୍ରଦାନ କରିଛି। ଏହି ସମୟ ମଧ୍ୟରେ, କମ୍ପାନୀ ୨.୩ ନିୟୁତ ନୂତନ ଗ୍ରାହକଙ୍କୁ ଯୋଡିଛି, ଯାହା ମଧ୍ୟରୁ ୫୨ % ନୂତନ କ୍ରେଡିଟ୍ (ପ୍ରଥମ ଥର ଋଣଗ୍ରହୀତା) ଥିଲେ, ଯାହା ଆର୍ଥିକ ଅନ୍ତର୍ଭୁକ୍ତିକରଣ ବ୍ୟାପକତାକୁ ପ୍ରତିଫଳିତ କରୁଛି। ବଜାଜ ଫାଇନାନ୍ସର ଅଧ୍ୟକ୍ଷ ସଞ୍ଜୀବ ବଜାଜ କହିଛନ୍ତି, "ସରକାରଙ୍କ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ଆୟକର ହାରରେ ପରିବର୍ତ୍ତନ ଭାରତର ବ୍ୟବହାର-ନେତୃତ୍ୱାଧୀନ ଅଭିବୃଦ୍ଧିର କାହାଣୀକୁ ପୁନଃଜୀବିତ କରିଛି। ଏହି ପଦକ୍ଷେପଗୁଡ଼ିକ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକୁ ଅଧିକ ସୁଲଭ କରିଛି, ଯାହା ଲକ୍ଷ ଲକ୍ଷ ମଧ୍ୟବିତ୍ତ ଏବଂ ନିମ୍ନ-ଆୟ ପରିବାରକୁ ଆତ୍ମବିଶ୍ୱାସର ସହିତ ଉତ୍ସବ କ୍ରୟ କରିବାକୁ ସକ୍ଷମ କରିଛି। ଏହି ପ୍ରଭାବ କେବଳ ୨୭ % ଅଧିକ ଗ୍ରାହକ ଋଣ ବଣ୍ଟନରେ ପ୍ରତିଫଳିତ ହୋଇନଥିଲା, ବରଂ ଏକ ଉନ୍ନତ ଜୀବନଶୈଳୀ ପାଇଁ ଉଚ୍ଚ-ଗୁଣବତ୍ତା ଉତ୍ପାଦ ପ୍ରତି ଗ୍ରାହକଙ୍କ ଆଗ୍ରହରେ ମଧ୍ୟ ପ୍ରତିଫଳିତ ହୋଇଥିଲା।"

# ବିପର୍ଯ୍ୟୟ ମୁକାବିଲା

ଚଳିତ ବର୍ଷ ମଧ୍ୟ ବଙ୍ଗୋପସାଗରରେ ଏକ ଝଡ଼ବାତ୍ୟା ସୃଷ୍ଟି ହୋଇଥିଲା । ଏହାର ନାମ ଦିଆଯାଇଥିଲା ମୋନ୍ଥା । ଏହା ସେଭଳି ବଡ଼ ଧରଣର ବାତ୍ୟା ନଥିଲେ ମଧ୍ୟ ଓଡ଼ିଶାରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ଏହା ବ୍ୟାପକ କ୍ଷୟକ୍ଷତି କରିବ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ଏହା ଦିଗ ବଦଳାଇ ଆନ୍ଧ୍ରପ୍ରଦେଶର ଅମଲାପୁରମରେ ସ୍ଥଳଭାଗ ଛୁଇଁବା ଫଳରେ ଓଡ଼ିଶା ବର୍ତ୍ତିଗଲା । ତେବେ ବର୍ଷା ଯୋଗୁ କିଛି ସ୍ଥାନରେ ଧାନ ଏବଂ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି । ଶୀଘ୍ର ଏହାର ସମୀକ୍ଷା କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ରାଜସ୍ୱମନ୍ତ୍ରୀ କହିଛନ୍ତି । ୧୯୯୯ ଅକ୍ଟୋବର ୨୮/୨୯ରେ ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲ୍ଲାରେ ଯେଉଁ ପ୍ରଳୟଙ୍କରୀ ବାତ୍ୟା ହେଲା ତାହା ଓଡ଼ିଶାବାସୀ କେବେ ଅଙ୍ଗେ ନିଭେଇ ନଥିଲେ । ସରକାରୀ ହିସାବରେ ଏହି ବାତ୍ୟାରେ ୫ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି । କିନ୍ତୁ ବାସ୍ତବରେ ଏହି ମହାବାତ୍ୟାରେ ମୃତକଙ୍କ ସଂଖ୍ୟା ଏବଂ କ୍ଷୟକ୍ଷତି ଢେର ଅଧିକ ହେବ । ଏହାର ଆକଳନ କରିବା ମଧ୍ୟ କଷ୍ଟକର । ଏଥିରେ ରାଜ୍ୟର ୧୪ଟି ଜିଲ୍ଲା ଅଳ୍ପେ ବହୁତେ ପ୍ରଭାବିତ ହୋଇଥିଲା । କିନ୍ତୁ ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳ ଏଥିରେ ପ୍ରାୟ ନିଶ୍ଚିହ୍ନ ହୋଇଯାଇଥିଲା । ୧୯୯୯ ମହାବାତ୍ୟାର ପ୍ରକୋପ ଅଧିକ ହେବାର କାରଣ ହେଲା ଏହା ପ୍ରାୟ ୩୬ ଘଣ୍ଟା କାଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସକ୍ରିୟ ରହିଲା । ଏତେ ସମୟ ଧରି କେବେ କୌଣସି ବାତ୍ୟା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ରହିନଥାଏ । ଏହା ଏକ ଅସ୍ୱାଭାବିକ ଘଟଣା ଥିଲା । ସେହିପରି ଘଣ୍ଟାକୁ ୩୦୦ କିମି ବେଗରେ ପବନ ବହିବା ମଧ୍ୟ ଥିଲା ଏକ ଅଭୂତପୂର୍ବ ଘଟଣା । ଏଥିରେ ବଡ଼ ବଡ଼ ଗଛ, ଘର ଭାଙ୍ଗି ପଡ଼ିବା ସହିତ ଅନେକ ପ୍ରାଣ ହରାଇଥିଲେ । ୨୮ ତାରିଖ ରାତିରେ ଲୋକେ ଶୋଇଥିବା ବେଳେ ଉପକୂଳ ଓଡ଼ିଶାରେ ମହାବାତ୍ୟାର ମହାତାଣ୍ଡବ ଆରମ୍ଭ ହୋଇଥିଲା । ମହାବାତ୍ୟା ପ୍ରଭାବରେ ସମୁଦ୍ରରେ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଜୁଆର ମାଡ଼ି ଆସିଲା । ଏପରିକି ସମୁଦ୍ରକୂଳରୁ ୫୦ କିମି ଦୂରତା ପର୍ଯ୍ୟନ୍ତ ଏହି ଲୁଣି ଜୁଆର ମାଡ଼ି ଆସିଥିଲା । ମହାବାତ୍ୟାରେ ପ୍ରାଣହାନୀ ସଂଖ୍ୟା ଅଧିକ ହେବାର ଏହା ଥିଲା ମୁଖ୍ୟ କାରଣ । ଜୁଆରରେ ଅନେକ ଲୋକ ସମୁଦ୍ରକୁ ଭାସିଗଲେ । ବହୁ ଦୂର ପର୍ଯ୍ୟନ୍ତ ସେମାନଙ୍କ ଶବ ଭାସିବା ଏକ ମାଇଲ ମାଇଲ ଦୂରରେ ସମୁଦ୍ର କୂଳରେ ଏପରି ଶବ ଭାସିବା ଦେଖିବାକୁ ମିଳିଥିଲା । କେବଳ ମଣିଷ ନୁହଁନ୍ତି, ଅନେକ ଜୀବଜନ୍ତୁ ବିଶେଷକରି ଗୃହପାଳିତ ପଶୁ ଲକ୍ଷାଧିକ ସଂଖ୍ୟାରେ ପ୍ରାଣ ହରାଇଥିଲେ । ମହାବାତ୍ୟାର ଏହି ଭୟଙ୍କର ସ୍ମୃତି କେବେ ଭୁଲିବାର ନୁହେଁ । ଓଡ଼ିଶା ଇତିହାସରେ ଏହା ଏକ ମହାବିପର୍ଯ୍ୟୟ ଭାବେ ସବୁଦିନ ପାଇଁ ରହିଯିବ । ମହାବାତ୍ୟାରେ ଓଡ଼ିଶାର ଆର୍ଥିକ ସ୍ଥିତି ଦୋହଲିଯାଇଥିଲା । ସହାୟତା ନିମନ୍ତେ ସାରା ଦେଶରୁ ଏପରିକି ଦେଶ ବାହାରୁ ମଧ୍ୟ ଅନେକ ସରକାରୀ ଏବଂ ବେସରକାରୀ ସଙ୍ଗଠନ, ବ୍ୟକ୍ତି ବିଶେଷ ଆଗେଇ ଆସିଥିଲେ । କିନ୍ତୁ ସମ୍ଭବତଃ ସେତେବେଳେ ଏହାର ସୁବିନିଯୋଗ ହୋଇପାରିଲା ନାହିଁ । ତଥାପି ମହାବାତ୍ୟା ପରେ ଓଡ଼ିଶାର ପୁନଃନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବାତ୍ୟାର କିଛି ମାସ ପରେ ନବୀନ ପଟ୍ଟନାୟକ ହେଲେ ରାଜ୍ୟର ମୁଖ୍ୟମନ୍ତ୍ରୀ । ତାଙ୍କ ନେତୃତ୍ୱରେ ଓଡ଼ିଶାବାସୀ ବିପର୍ଯ୍ୟୟ ମୁକାବିଲା ଲାଗି ପ୍ରସ୍ତୁତ ହେଲେ । ତାଙ୍କ ଶାସନ କାଳରେ ରାଜ୍ୟରେ ଅନେକ ବାତ୍ୟା, ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି । କିନ୍ତୁ ରାଜ୍ୟ ସରକାର ଏବଂ ଓଡ଼ିଶାବାସୀ ଏହାର ମୁକାବିଲା କରିବାରେ ସଫଳ ହୋଇଛନ୍ତି । ସରକାରଙ୍କ ଜିରୋ କାଜୁଆଲିଟି ମିଶନ ସାରା ବିଶ୍ୱରେ ଚର୍ଚ୍ଚିତ ଏବଂ ପ୍ରଶଂସିତ ହୋଇଛି । ଜାତିସଂଘ ଏବଂ ଅନ୍ୟ ବିଶ୍ୱସ୍ତରୀୟ ସଙ୍ଗଠନ ପକ୍ଷରୁ ଓଡ଼ିଶାକୁ ଏଥିଲାଗି ପ୍ରଶଂସା ଏବଂ ପୁରସ୍କୃତ କରାଯାଇଛି । ବାତ୍ୟା ମୁକାବିଲାରେ ଓଡ଼ିଶା ଏକ ମଡେଲ ସାଜିଛି ।

# ଗ୍ରାମୀଣ ଭାରତର ଗ୍ରାହକ

॥ ଗିରିଧାରୀ ସାମଲ ॥

'ଫାଷ୍ଟ ମୁଭିଂ କନଜ୍ୟୁମର ଗୁଡ଼୍‌ସ' ବା ଏଫଏମ୍‌ସିଜି - ଯାହାକୁ ଆମେ ଓଡ଼ିଆରେ କହିପାରିବା ଦ୍ରୁତ ବିକ୍ରୟଶୀଳ ଦ୍ରବ୍ୟ ବିକ୍ରିରେ ଗ୍ରାମୀଣ ଭାରତରେ ଯେଉଁ ଅଭିବୃଦ୍ଧି ୨୦୨୨ରେ ଲକ୍ଷ୍ୟ କରାଯାଇଛି ତାହା ସହରରେ ଏଫଏମ୍‌ସିଜି ବିକ୍ରିରେ ହୋଇଥିବା ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ । ପୂର୍ବେ ଯେଉଁ ଧାରଣାଟିଏ ଥିଲା ଯେ ଏଫଏମ୍‌ସିଜି ସାମଗ୍ରୀର ବଜାର ଗାଁରେ ବିଶେଷ ନାହିଁ, ସେ ଧାରଣା ଏବେ ବଦଳିବା ଆରମ୍ଭ କରିଛି ।

ଏହା ଅବଶ୍ୟ ସତ ଯେ ଭାରତରେ ଏଫଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗାଁର ଭାଗ ସହରର ଏକ ତୃତୀୟାଂଶ, ତେବେ ଖୁବ୍ ଶୀଘ୍ର ଏ ବ୍ୟବଧାନ ପୂରଣ ହୋଇଯିବାର ସମ୍ଭାବନା ଦିଶିଲାଣି । ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ ଯଦି ମୂଲ୍ୟ, ଦ୍ରବ୍ୟର ଆକାର ଏବଂ ପ୍ୟାକିଂ ଠିକ୍ ରହେ, ତେବେ ଗ୍ରାମୀଣ ଉପଭୋକ୍ତା ସହରୀ ଗ୍ରାହକମାନଙ୍କ ଠାରୁ ପଛରେ ରହିବେ ନାହିଁ । ତେଣୁ ଏବେ ବଡ଼ ବଡ଼ ଏଫଏମସିଜି କମ୍ପାନୀମାନେ ଭାରତର ବିଶାଳ ଗ୍ରାମୀଣ ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ପ୍ରକାର ଉପାୟ ଆପଣାଇବା କଥା ଚିନ୍ତା କଲେଣି ।

୨୦୨୦ ଏବଂ ୨୦୨୧ରେ ଏଫ୍‌ଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗ୍ରାମୀଣ ଭାରତରେ ଏକ ପ୍ରକାର ସ୍ଥାଣୁତା ଦେଖିବାକୁ ମିଳିଥିଲା । ବରଂ ଏହା ବିଯୁକ୍ତାତ୍ମକ ଥିଲା । ୨୦୨୦ ଏବଂ ୨୦୨୧ରେ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ଥିଲା ଯଥାକ୍ରମେ -୦.୫ ପ୍ରତିଶତ ଏବଂ -୩.୫ ପ୍ରତିଶତ । କିନ୍ତୁ ୨୦୧୫ରେ ସେଇ ଧାରାରେ ବିରାମ ଲାଗି ଏଫ୍‌ଏମ୍‌ସିଜି ବିକ୍ରୟରେ ବିରାଟ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ଆଗେ ଅଧିକାଂଶ ଭାବୁଥିଲେ ଯେ ଗ୍ରାମୀଣ ଉପଭୋକ୍ତା ଏକ ପାରମ୍ପରିକ କ୍ଷେତ୍ରରେ ହିଁ କିଣାକିଣି କରନ୍ତି । କିନ୍ତୁ ବଜାର ସର୍ବେକ୍ଷଣ ସଂସ୍ଥା ଆଇଏମ୍‌ଆରବି ଦ୍ୱାରା କରାଯାଇଥିବା ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରେ ଗ୍ରାମୀଣ ଭାରତରେ ଏଫ୍‌ଏମ୍‌ସିଜିର ଚାହିଦାରେ ୫.୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସହରରେ ଅଭିବୃଦ୍ଧିର ହାର ହେଉଛି ୨.୯ ପ୍ରତିଶତ । ଏହି ଧାରା ଜାରି ରହିଲେ ଖୁବ୍ ଶୀଘ୍ର ଏଫଏମ୍‌ସିଜି ଦ୍ରବ୍ୟର ବିକ୍ରିରେ ଗାଁ ଗହଳିର ଉପଭୋକ୍ତାଙ୍କ ଭାଗ ୪୫ ପ୍ରତିଶତ ହୋଇଯିବ । ଭାରତୀୟମାନଙ୍କ ଆୟ ବଢ଼ିଛି । ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି । ଏହା ସହିତ ଟଙ୍କା ଖର୍ଚ୍ଚକୁ ନେଇ ରହି ଆସିଥିବା ପୁରୁଣା ଭାରତୀୟ ଆଭିମୁଖ୍ୟରେ ବି ପରିବର୍ତ୍ତନ ଦେଖାଦେଇଛି । ସଂପ୍ରତି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ସମଗ୍ର ବିଶ୍ୱରେ ଭାରତୀୟ ଗ୍ରାହକ ବଜାରକୁ ବଡ଼ ବଜାର ଭାବେ ଦେଖି ଅନେକ ପ୍ରୋତ୍ସାହନ ମୂଳକ ସୁବିଧା ଦେବା ସହ ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ସାମର୍ଥ୍ୟକୁ ଦେଖି ସେମାନଙ୍କ ସାମଗ୍ରୀର ଦର ରଖୁଛନ୍ତି । ଯାହାକି ଭାରତୀୟ ଗ୍ରାହକଙ୍କ ପକେଟ ସୁହାଉଛି ।

ଭାରତୀୟ ବଜାର ସମଗ୍ର ବିଶ୍ୱରେ ବିଶ୍ୱସ୍ତ ଓ ବଡ଼ ବଜାର କ୍ଷେତ୍ରରେ ପଞ୍ଚମ ସ୍ଥାନରେ ରହିଛି ଏହା ନିଶ୍ଚିନ୍ତ ଭାବରେ ଖୁସିର କଥା । ଏ କ୍ଷେତ୍ରରେ ଚୀନର ଏକଚାଟିଆ ବଜାର ମାମଲତି କମି ଯାଇଛି । ସରକାର ମଧ ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଭାରତ ଆସି ସେମାନଙ୍କ ବେପାର ବଣିଜକୁ ବ୍ୟାପକ କରିବା ପାଇଁ ଉଚ୍ଚ ହାରର ଟିକସକୁ କମାଇଛନ୍ତି । ପୂର୍ବର ମିତବ୍ୟୟୀ ଭାରତ ଏବେ ତୁଳନାତ୍ମକ ଭାବେ ଅଧିକ ଖର୍ଚ୍ଚ ହେବାର ଲକ୍ଷଣ ପ୍ରଦର୍ଶନ କଲାଣି ।

ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି । ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି । ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ । ଏହାର କାରଣ ହେଲା ଏକ ଅନୁକୂଳ ମୌସୁମୀର ପ୍ରାକ୍ ସୂଚନା ମିଳିଛି, ଯାହା କୃଷି କ୍ଷେତ୍ରରେ ଉନ୍ନତି ଆଣିବ ଏବଂ ଗତ ଦୁଇବର୍ଷର ହତାଶାକୁ ଦୂର କରିବ, ଦ୍ୱିତୀୟରେ ସରକାର ଗ୍ରାମରେ କୃଷିର ବିକାଶ ତଥା ରୋଜଗାର ବୃଦ୍ଧି ଲାଗି ନେଇଥିବା ପଦକ୍ଷେପ । ତୃତୀୟରେ ସପ୍ତମ ବେତନ କମିସନର ସୁପାରିସ ହେତୁ ସରକାରୀ କର୍ମଚାରୀଙ୍କ ଦରମାରେ ଏକ ବଡ଼ ଧରଣର ବୃଦ୍ଧିର ଆଶା ।

ତେଣୁ ଚଳିତ ବର୍ଷ ଏ ଅଭିବୃଦ୍ଧି ଆହୁରି ଉଚ୍ଚା ହେବ ବୋଲି ଏକ ବଜାରରେ ଆଭାସ ମିଳିଲାଣି । ସଂପ୍ରତି ବଜାରରେ ଦରଦାମର ଉଚ୍ଚ ମୂଲ୍ୟ ରହୁଥିବା ବେଳେ ସରକାରୀ ଓ ବେସରକାରୀ ସଂଗଠନରେ ଅଧିକାଂଶ କ୍ଷେତ୍ରରେ ଦରମା ଓ ଅର୍ଥନୈତିକ ସୁବିଧା ସୁଯୋଗ ବଢ଼ିଛି । ତେବେ ଅନେକ ସରକାରୀ କର୍ମଚାରୀ, ବେତନ ଭୋଗୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସ୍ଥିତି ଉଚ୍ଚାର ରହିପାରୁନାହିଁ । ଏହାର ବଡ଼ କାରଣ ହେଉଛି ସେମାନଙ୍କର ପୂର୍ବ ଋଣ ବା ବ୍ୟାଙ୍କରୁ ନେଇଥିବା ଆର୍ଥିକ ସହଯୋଗ । ଏହାକୁ ନିର୍ଦ୍ଦିଷ୍ଟ ଅବଧି ଭିତରେ ପରିଶୋଧ ନକଲେ ଚଢ଼ା ଦରରେ ଏକ ପ୍ରକାର ଚକ୍ରହାର ସୁଧରେ ସେମାନେ ଆର୍ଥିକ କ୍ଷତିକୁ ସହି ଥାଆନ୍ତି । ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଭାରତର କିଛି ବଡ଼ ବଡ଼ କମ୍ପାନୀ ସେମାନେ ନିର୍ଦ୍ଦିଷ୍ଟ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟାପକ ସୁବିଧା ଓ ସବସିଡି ପ୍ରଦାନ କରିବା ସହ ମାସିକ କିସ୍ତି ବ୍ୟବସ୍ଥା କରୁଛନ୍ତି ।

ଯାହାକି ବେତନଭୋଗୀ କର୍ମଚାରୀ ଓ ସମାଜର ସବୁଠାରୁ ବଡ଼ ଗ୍ରୁପ କୁହାଯାଉଥିବା ମଧ୍ୟବର୍ତ୍ତି ମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି । ସେମାନେ ବ୍ୟାପକ କିଣାବିକା କରିବା ସହ ଭାରତୀୟ ଅର୍ଥନୀତି ମଧ ବଡ଼ ଆକାରରେ ବଜାରରେ କାୟା ମେଲାଇ ଲୋକଙ୍କୁ ବ୍ୟାପକ ସୁବିଧା ପ୍ରଦାନ କରୁଛି । ସରକାର ମଧ ମଝିରେ ମଝିରେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଆର୍ଥିକ ସୁବିଧା, ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ସୁବିଧାର ସୁବନ୍ଦୋବସ୍ତ କରିଛନ୍ତି । ଏ କ୍ଷେତ୍ରରେ ଖୋଲା ହାତ ଖର୍ଚ୍ଚ ନକରି ମିତବ୍ୟୟୀ ହେବା ମଧ ଜରୁରୀ । କାରଣ ଅନେକ କ୍ଷେତ୍ରରେ ଦେଖାଯାଏ ଖୋଲା ଖର୍ଚ୍ଚପଣିଆ ଜଣଙ୍କ ପାଇଁ ପରବର୍ତ୍ତୀ ସମୟରେ ଆର୍ଥିକ ଦୁଃସ୍ଥିତିର ବଡ଼ କାରଣ ହୋଇଥାଏ । ଏମିତି ହେଲେ ଭାରତୀୟ ଅର୍ଥନୀତି ଚଳଚଞ୍ଚଳ ରହିବ ଯାହା ଭାରତୀୟ ଅର୍ଥନୀତି ଲାଗି ଶୁଭଙ୍କର ହେବ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪

;ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି । ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି । ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ ।

# ପ୍ରକୃତି, ପରିବେଶ ଓ ମାଆ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମାମାକୁ ତା' ମାଆ କହିଲେ, 'ତୁ ଟିକେ ରୋଷେଇ ଘରୁ ଚିନି ଡ଼ବାଟା ଆଣିଲୁ' । ମାମା ଶୁଣିଲା ନାହିଁ । ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ । ତଥାପି ମାମା ହୁଙ୍କିଲା ନାହିଁ । ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନଶୁଣିଲା ପରି ଶୋଇବା ଘରକୁ ଚାଲିଗଲା । ଶେଷରେ ତା'ର ମାଆ ମାମା ଚୁଟିଝିଙ୍କି ତା ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ । ମାମା ଜୋରରେ କାନ୍ଦିଲା । କିଛି ଉତ୍ତର ନକଲେ ବି ମନମାରି ବସିଗଲା । ନା ପାଠ ପଢ଼ିଲା ନା ଆଉ କିଛି କାମ କଲା । ଏଥିରୁ ଜଣାପଡ଼ିଲା ମାମାର ମାଆ ତାକୁ କେମିତି ଶିକ୍ଷା-ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମାଆଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ । ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ । କିନ୍ତୁ ଶିଶୁଟିଏର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା'ର ମାଆ ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତାହେଲେ ସେ ଅନ୍ତତଃ ସେହିସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା ।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ । କିନ୍ତୁ ସେହି ସ୍ନେହ ମାପଚୁପି ବିତରଣ କରିବା ଉଚିତ । ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମାଆ ଶିଶୁଟିର ବେପରୁଆ ନୀତିକୁ ଲଗାମ୍ ଲଗାଏ । ଏମିତିରେ ପ୍ରତିଟି କଥାରେ ଭଲ-ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମାଆଙ୍କର ଗୁରୁ ଦାୟିତ୍ୱ । ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମାଆ ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ । ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକରାତ୍ମକ ହୋଇଥାଏ । ତେବେ ନକରାତମକ ସ୍ୱଭାବ ତା ପାଇଁ ତଥା ବଂଶର ବଦନାମ ପାଇଁ ଦାନା ଯୋଗାଇଥାଏ, ଏପରି ସ୍ୱଭାବକୁ ତାର ମାଆ ଗୋଟି ଗୋଟି କରି ନିବୃତ୍ତ କରିବା ଉଚିତ । ଯଦି କୌଣସି ନା କୌଣସି ଯୁକ୍ତାତ୍ମକ ସ୍ୱଭାବ ଲକ୍ଷ୍ୟ କରୁଥାନ୍ତି ତାହେଲେ ସେଭଳି ସ୍ୱଭାବପ୍ରତି ତାକୁ ଉତ୍ସାହିତ କରିବା ଉଚିତ । ପିଲାଟି ଭଲ କଥା କହୁଛି । ଭଲ କାମ କରୁଛି । ଭଲ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରୁଛି, ଭଲ ପିଲାଙ୍କ ସହ ମିଶିବାକୁ ଚାହୁଁଛି, କୌଣସି ଭଲ କଥାକୁ ସହଜରେ ଗ୍ରହଣ କରୁଛି ଓ ମନେ ରଖି ପାରୁଛି । ପରଉପକାରୀ ବା ସାହାଯ୍ୟ ମନୋଭାବର । ପୁଣି ପ୍ରଖର ଧୀଶକ୍ତି, ଭଲ କାମକୁ ଅନୁକରଣ, କୌଣସି ଭଲ କାମ ପାଇଁ ମନଯୋଗ କିମ୍ବା ସକରାତ୍ମକ ଦିଗରେ ତା'ର ଉତ୍ସାହ ଦେଖିଲେ ତାର ମାଆ ତାକୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ଦେବା ଉଚିତ୍ ।

କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତାର ମାଆଙ୍କୁ ଭଲ ଲାଗେ, ଖରାପ ବି ଲାଗେ । କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମାଆ ବାରଣ କରିଥାନ୍ତି । ଏତେବେଳେ ଶିଶୁ ଓ ମାଆ ମଧ୍ୟରେ ପାଚେରି ଗଢ଼ି ଉଠେ । ପିଲା ଚାହେଁ ତାହା କରିବାକୁ; କିନ୍ତୁ ମାଆ ତାକୁ ବାରଣ କରେ । ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମାଆ ତାର ବିରୋଧୀ । ତଥାପି ମାଆ ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ । ଭୟରେ ନହେଲେ ସ୍ନେହରେ, କିମ୍ବା ସ୍ନେହରେ ନହେଲେ ଭ୍ରରେ ତାକୁ ସେସବୁ ନକାରାତ୍ମକ ଦିଗରୁ ମାଆ ନିବୃତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ।

ପରିବେଶ ଅନୁସାରେ ପିଲାଟି କେତେକ ନକରିବା କଥା କରିବସେ । ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧି ସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହାସୀ ହୋଇଥାଏ । କେତେକ ବାସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ । ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ । କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ । କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମାଆର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ । ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱ-ପ୍ରକୃତି ବା ମାଆଙ୍କ ଶିକ୍ଷା-ଦୀକ୍ଷାକୁ ବିଚ୍ୟୁତ ହେବାକୁ ପଡ଼େ । ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ । ବରଂ ତାର ଏକାକୀତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍ । ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇ ଯାଉଛି, ତାହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ । ପରିବେଶ ଯେ ପିଲାର ବିରୋଧୀ ହୁ. ତାନୁହେଁ – ବେଳେ ବେଳେ ମାଆ ବାପାଙ୍କୁ ଯେଉଁ ପରିବେଶରେ ସୁହାଉନଥାଏ, ସେ ପରିବେଶରେ ପିଲାଟି ଖାପ୍‌ଖୁଆଇ ପାରେ । ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶରେ ସେ ସମର୍ଥକ କି ନୁହେଁ, ଅନୁଧ୍ୟାନ କରନ୍ତୁ । ନତୁବା ତାକୁ ସୁହାଉନଥିବା ପରିବେଶ ତାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ । ଯେଉଁ ପିଲା ଯେପରି ହେବା କଥା ସେପରି ହେବ । ଅବଶ୍ୟ ଏଭଳି ଲୋକ ବିଶ୍ୱାସ ଭୁଲନୁହେଁ । କାହିଁକି ନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠିକାର ଅନୁନ୍ନତ ପରିବେଶରେ ମଧ ନିଜାର ଶାରୀରିକ ଓ ମାନସିକ ବିକାଶ କରିପାରୁଛି । ସେହି ପିଲାମାନଙ୍କ ମଧ୍ୟରୁ କିଏ ସୈନିକ ହେଉଛନ୍ତି ତ କଏ ପାଠପଢ଼ି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଏପରିକି ଆଇଏଏସ, ଆଇପିଏସ କିମ୍ବା ଓଏଏସ୍ ହୋଇ ପାରୁଛନ୍ତି । କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି । ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ' କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ । ପିଲାଟିର ଜନ୍ମଗତ ପ୍ରକୃତି, ପରିବେଶ ଓ ମାଆଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ । ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ । ଏଥିପାଇଁ ମାଆ ହିଁ ବେଶୀ ଦାୟୀ । ନହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇନପାରେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଜୀବନର ସଂଜ୍ଞା

॥ ଅନୀତା ପଟ୍ଟନାୟକ ॥

ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ । ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା । ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ । ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ । ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ । ମଣିଷର ଜୀବନ ଦୌଡ଼ୁଥିବା ଏକ ରାସ୍ତା ପରି । ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ । ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା – ସାମାଜିକ ଓ ଆଧ୍ୟାତ୍ମିକ । ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ । ଆଧ୍ୟାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ । ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ । ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହତା । ସାଧୁ କହିଲେ କାହାରିକୁ କୁତ୍ସରଟନା କରନାହିଁ । ତୁମେ ମାନବର ଜୀବନକୁ ଦେଖ । ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ । ସେମାନେ ଉଚ୍ଚପଦବୀ ଚାହାଁନ୍ତି । ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା – ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା । ଅନେକଙ୍କର ବିଦ୍ୟାଅର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ କରିବା ଇତ୍ୟାଦି । ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ । କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି । କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ ହୁଅନ୍ତି । ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା । ଘଣ୍ଟା କାଳର ପ୍ରତୀକ । ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ । ଉଦ୍ୟମ ଜାରି ରଖିବାକୁ ପଡ଼ିବ । ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ । ଆମର ଚାହିଦା ଇଚ୍ଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର । ଘଣ୍ଟାର ଏସବୁ କିଛି ନାହିଁ ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର । ଯେ ଉତ୍ତମ ସେ ବଞ୍ଚେ । ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ । ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ । ଏହା ଜୀବନର ରୀତି । ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ । ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ । ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ । ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି । ଘଣ୍ଟା କହିଲା ହେ ମହାନୁଭବ ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ । ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ । ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ୍ୟ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ । ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ । ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ । ଆମର ଚାହିଦା ଓ ଇଚ୍ଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର । ଜୀବନ ସ୍ଥିର ନୁହେଁ । ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି । କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା । ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ । ଉପର ତଳରେ ସୁନ୍ଦରତା ଥାଏ । ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ । ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି । ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ । ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର । ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ ସେହିପରି ସୀମା ଅଛି । ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ । ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ । ଦୁଇ ଆଖି ଶୃଙ୍ଖଳାର ସହ ଦେଖେ । ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାୟୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ । ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ । ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ । ମନର ନିର୍ଦ୍ଦେଶରେ ନୁହେଁ । ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ ନିଜର ପନ୍ଥା ନିଜକୁ ବାଛିବାକୁ ହେବ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ । ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ । ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଅଣ୍ଡାମଳୟପରି । କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି । ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ । ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି । ହେ ଅଶ୍ୱ ଓ ଘଣ୍ଟା ! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ । ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ । ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ । ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା । ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ । ଡଙ୍ଗା ପାଣିରେ ଭାସେ । ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ । ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ । ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ । ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ ।

ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬

ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ମନ୍ଥା ବାତ୍ୟା ଫସଲ ନଷ୍ଟ, ଚାଷୀ ହନ୍ତସନ୍ତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲାରେ ମୋନ୍ଥା। ବାତ୍ୟାରେ ଚାଷୀର ମେରୁ ଦଣ୍ଡ ଭାଙ୍ଗି ଯାଇଛି। ଚାଷୀର ବର୍ଷ ଯାକର ଫସଲ ନଷ୍ଟ ହୋଇଯାଇଛି। ଚାଷୀ ଧାର କରଜ କରି ଚାଷ କରିଥିବା ଚାଷୀ ଋଣ ସୁଝିବେ କେମିତି ଓ ବ୍ୟାଙ୍କରୁ ଲୋନ କରିଥିବା ଚାଷୀ ଋଣ ଶୁଝିବେ କେମିତି। ଚିନ୍ତା ଘାରିଛି। ସରକାର ଚାଷୀ ଙ୍କୁ ଦେବା କ୍ଷୟକ୍ଷତି ସମୁଦ୍ରକୁ ସଂଖେ ସଦୃଶ୍ୟ ଚାଷୀ ର ମେରୁଦଣ୍ଡ ଭାଙ୍ଗି ଯାଇଛି ଚାଷୀଙ୍କୁ ଠିକ ସମୟରେ ସାର୍ ମିଳିଲା ନାହିଁ ଯଦି ମିଳିଲା ଅଧିକ ଦରରେ କ୍ରୟ କରିବାକୁ ପଡ଼ିଲା, ଚାଷୀ ଙ୍କୁ ଭ ଲ ବିହନ ମିଳୁ



ନଥିବାରୁ ଆନ୍ଧ୍ର ଉପରେ ନିର୍ଭର କରୁ ଥିବାରୁ ବର୍ତ୍ତମାନ୍ ଆନ୍ଧ୍ର ବିହନ ଆଣି କିଛି ଚାଷୀ ବର୍ତ୍ତମାନ୍ କ୍ଷତି ସହି ବାକୁ ପଡିଛି। ଚାଷୀ ଆନ୍ଧ୍ର ରୁ ଆଣି ଥିବା ବିହନ ବର୍ତ୍ତମାନ୍ ନାଇସ। ବାଲୁଙ୍ଗା। ହୋଇ ଯାଇଛି। ଚାଷୀ ର ଚାଷ ଉଜୁଡି ଯାଇଛି । ଥରେ ନା।ଇସ। ହେଲେ ସବୁ ବର୍ଷ ସେହି ନାଇଶ। ବାଲୁଙ୍ଗା ଉଠେ ଯାହା ଫଳ ରେ ଚାଷୀ ଧାନ ଚାଷ କରିବା କଷ୍ଟକର ହୋଇ ପଡ଼େ । ସରକାର ଚାଷୀଙ୍କୁ ଉତ୍କୃଷ୍ଟ ବିହନ ଯୋ ଗ। ଇଲେ ଚାଷୀ ଉପକୃତ ହୋଇ ପାରିବେ ବୋଲି ମତ ପ୍ରକାଶ ପାଇଛି। ଚାଷୀ କୁ ଯଦି କ୍ଷୟ କ୍ଷତି କିଛି ର। ଜସ୍ୱ ବିଭାଗ ପକ୍ଷ ରୁ ମିଳେ ଚାଷୀ କୁ ସମୁଦ୍ରକୁ ଶଙ୍ଖେ ଚାଷୀ ଆଉ ମଣ୍ଡି କୁ ଧାନ ଦେଇ ପାରିବେ ନାହିଁ ବୋଲି ରାଜସ୍ୱ ବିଭାଗ କହୁ ଥିବା ବେଳେ ଚାଷୀ ଙ୍କ କିଛି ବାହାରିଥିବା ଧାନ କଣ କରିବେ ବୋଲି ପ୍ରଶ୍ନ ବାଚୀ ସୃଷ୍ଟି କରିଛି।

# ସର୍ଭିସ ରୋଡ଼ ମରାମତି ପାଇଁ ଦାବିକଲା ଆଞ୍ଚଳିକ ବିକାଶ ମଞ୍ଚ



କେନ୍ଦୁଝର, (ମହାଭାରତ) : କୋଡିଏ ନମ୍ବର ଜାତୀୟ ରାଜପଥରୁ ରାଇସୁଆଁକୁ ସଂଯୋଗ କରୁଥିବା ସର୍ଭିସ ରାସ୍ତାର ତୁରନ୍ତ ମରାମତି ପାଇଁ ଆଞ୍ଚଳିକ ବିକାଶ ମଞ୍ଚ ଦ୍ୱାରା ଜିଲ୍ଲାପାଳଙ୍କୁ ସ୍ମରକା ପତ୍ର ପ୍ରଦାନ କରାଯାଇଛି। ୨୦ ନମ୍ବର ଜାତୀୟ ରାଜପଥ ର ଜି ଟି ପେଟ୍ରୋଲ ପମ୍ପ ରାଇସୁଆଁ ପର୍ଯ୍ୟନ୍ତ ସର୍ଭିସ ରାସ୍ତାର ଅବସ୍ଥା ଖାଲ ଖମାରେ ଭର୍ତ୍ତି ହୋଇ ଅତି ଶୋଚନୀୟ ହୋଇ ପଡିଛି। ବିଶେଷ କରି ଲଗାଣ ବର୍ଷା ରେ ଏହି ରାସ୍ତା ରେ ଥିବା ଖାଲ ରେ ପାଣି ଜମାହେବା ଦ୍ୱାରା ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁ ଥିବାର ଅନେକ ନଜିର ରହିଛି। ଏହି ରାସ୍ତା ରାଇସୁଆଁ, ଗୋପୀନାଥପୁର, ବାଉରୀପଦା, ସଂକୀର, ବରଦାପାଳ, ମାହାଦେଇଜୋଡା ଆଦି ପ୍ରାୟ ଆଠଟି ପଂଚାୟତ ର ଲୋକ କେନ୍ଦୁଝର ସଦର ସହିତ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତା ହୋଇଥିବା ରୁ ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଛୋଟ ରୁ ବଡ ଯାନ ବାହାନ ଯା ଆସ କରିଥାଏ ଯାହାଫଳରେ ଅନେକ ସମୟ ରେ ଦୁର୍ଘଟଣା ଘଟୁ ଥିବାରୁ ଆଞ୍ଚଳିକ ବିକାଶ ମଞ୍ଚ ଦ୍ୱାରା ଜାତୀୟ ରାଜପଥ ପ୍ରାଧିକାରଣ ଅଧିକାରିଙ୍କୁ ବାରମ୍ବାର ଜଣାଇ ଥିଲେ ମଧ୍ଯ କୌଣସି ପଦକ୍ଷେପ ନିଆନଯିବାରୁ ବାଧହୋଇ ଆଞ୍ଚଳିକ ବିକାଶ ମଞ୍ଚର ସଦସ୍ୟ ରବିନାରାୟଣ ରଥ, ଲକ୍ଷ୍ମୀଧର ଉପାଧ୍ୟାୟ, ସୁଦର୍ଶନ ମାହାଣା,ନାରାୟଣ ମହାପାତ୍ର, ଶରତ ଚନ୍ଦ୍ର ବେହେରା, ସ୍ୱପ୍ନେଶ୍ୱର ସାହୁ ଓ ଗୋପୀନାଥପୁର ପଂଚାୟତ ସମିତି ସଭ୍ୟ ବସନ୍ତ ସାହୁ ପ୍ରମୁଖ ଜିଲ୍ଲାପାଳ ଙ୍କୁ ଭେଟି ତୁରନ୍ତ ସର୍ଭିସ ରାସ୍ତା ମରାମତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

# ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ



ଦଶପଲ୍ଲା, (ମହାଭାରତ): ରାଜ୍ୟରେ ସାଇବର ଠକେଇ ମାମଲା ଧୀରେ ଧୀରେ ବଢ଼ିବାରେ ଲାଗିଛି। କେତେବେଳେ ଅଜଣା ଆପ ମାଧ୍ୟମରେ ତ ଆଉ କେତେବେଳେ ଓଟିପି ସେୟାରିଂ ଓ ଅଜଣା ଫୋନକଲ ମାଧ୍ୟମରେ। ଏମିତି ବିଭିନ୍ନ ପ୍ରକାରର ପନ୍ଥା ଆପଣାଇଛନ୍ତି ସାଇବର ଲୁଟେରା।ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରେ ସାଇବର ଠକେଇ ସମ୍ପର୍କରେ ସଚେତନତା କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଚଳିତ ମାସ ୧୮ ତାରିଖରୁ ଏହି ଅଭିଯାନ ଆରମ୍ଭ କରି ଏହା ଆସନ୍ତା ମାସ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜଣାପଡ଼ିଥିବାବେଳେ ଏହି କ୍ରମରେ ଆଜି ଦଶପଲ୍ଲା ପଶ୍ଚିମାଞ୍ଚଳର ବାଣୀଗୋଛା ଥାନା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ବାଣୀଗୋଛା ପରିସରରେ ବାଣୀଗୋଛା ଥାନା ପକ୍ଷରୁ ପୋଲିସର ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଡ଼ିଏସପି ସୁକାନ୍ତ କୁମାର ପାତ୍ରଙ୍କ ସହିତ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବାଣୀଗୋଛା ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳ ପରିଚାଳନା କରିଥିବା ବେଳେ ଲୋକମାନେ ଆବଶ୍ୟକ ସଚେତନତା ଗ୍ରହଣ କରିବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି।ଯଦି କୌଣସି ବ୍ୟକ୍ତି ସାଇବର ଅପରାଧୀଙ୍କ ଦ୍ୱାରା ଠକେଇ ହୁଅନ୍ତି ତୁରନ୍ତ ୧୯୩୦ ନମ୍ବରରେ କଲ କରି ସୂଚନା ଦେବାକୁ କୁହାଯାଇଛି। ଦୁଃଖର ବିଷୟ କାର୍ଯ୍ୟକ୍ରମକୁ ଦଶପଲ୍ଲା ଗଣମାଧ୍ୟମ ର କୌଣସି ସାମ୍ବାଦିକଙ୍କୁ ସୂଚନା ଦିଆଯାଇନାହିଁ। ଦଶପଲ୍ଲା ର ସମସ୍ତ ସାମ୍ବାଦିକ ଏହି କାର୍ଯ୍ୟକ୍ରମ କଥା ଶୁଣି ଖୋଭ ପ୍ରକାଶ କରିଛନ୍ତି ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ

ମାଲକାନଗିରି, (ମହାଭାରତ) : ଜିଲ୍ଲାର କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୮୩ (କୃଷ୍ଣନଗର) ଗ୍ରାମରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଶୁଭ ଜନ୍ମତିଥି ଉପଲକ୍ଷେ ଏକ ଭବ୍ୟ ସତ୍‌ସଙ୍ଗ ମହୋତ୍ସବର ଆୟୋଜନ କରାଯାଇଛି। କୃଷ୍ଣନଗର ସତ୍‌ସଙ୍ଗୀ ବୃନ୍ଦଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅପରାହ୍ନରୁ ଆରମ୍ଭ ହୋଇ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ପ୍ରାୟ ୧୦ ହଜାରରୁ ଅଧିକ ସତ୍ ?ସଙ୍ଗୀ ଓ ଭକ୍ତଗଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭ ମାତୃ ସମ୍ମିଳନୀରେ ହୋଇଥିବା ବେଳେ ପରବର୍ତ୍ତୀରେ ନଗର କୀର୍ତ୍ତନ, ବିନତୀ ପ୍ରାର୍ଥନା, ସଙ୍ଗୀତ ଅଞ୍ଜଳି ଏବଂ ସାଧାରଣ ସତ୍ ?ସଙ୍ଗ ଆୟୋଜିତ ହୋଇଥିଲା। ଶେଷରେ ଭଜନ ସମାରୋହ ସହିତ ଆନନ୍ଦ ବଜାରର ଆୟୋଜନ କରାଯାଇ ସମଗ୍ର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି ମହୋତ୍ସବରେ ହାଇଦ୍ରାବାଦ୍, ପଶ୍ଚିମବଙ୍ଗ ଓ ଦେଓଘରରୁ ଆସିଥିବା ଋତ୍ୱିକ୍ ଗୁରୁଭାଇମାନେ ଯୋଗ ଦେଇ ନିଜ ନିଜର ବାଣୀ ପ୍ରଚାର କରିଥିଲେ। ଏଥିରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତମାନଙ୍କ ସହ ସାଧାରଣ ଜନସାଧାରଣ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱରେ ଥିଲେ ଋତ୍ୱିକ୍ ପରିମଳ ମଣ୍ଡଳ ଓ ଋତ୍ୱିକ୍ ଧୀରଜ ସାନା। ଯଜକ ଭାବେ ସମୀର କୁମାର ଗୋପ ଏବଂ ଋତ୍ୱିକ୍ ହର୍ଷିତ ମଣ୍ଡଳ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁଦ୍ଧା ବିହାରରୁ ଆସିଥିବା ଋତ୍ୱିକ୍ ଚିତ୍ତରଞ୍ଜନ ପ୍ରସାଦ ଯୋଗ ଦେଇଥିଲେ। ଏହି ସତ୍‌ସଙ୍ଗ ମହୋତ୍ସବ ଏମ୍‌ପିଭି-୮୩ ଗ୍ରାମରେ ବିଗତ ୧୨ ବର୍ଷ ଧରି ଆୟୋଜିତ ହେଉଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କୁ ଏକତ୍ର କରି ଶ୍ରେୟ, ସୃଜନ, ସଂହତି ଓ ସମାବେଶର ଭାବନାରେ ଏକ ପ୍ରାଣତର ମମତ୍ୱ ସୃଷ୍ଟି କରିବା। ଜାତି, ଧର୍ମ, ବର୍ଣ୍ଣ ଏବଂ ସମ୍ପ୍ରଦାୟର ଭେଦଭାବ ଭୁଲି ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନବର୍ଦ୍ଧନୀ ଦିବ୍ୟ ଭାବଧାରାରେ ସମସ୍ତଙ୍କୁ ସଞ୍ଜୀବିତ କରିବା ଏହାର ପ୍ରଧାନ ଲକ୍ଷ୍ୟ। ଏହି ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ଚେତନାର ପ୍ରସାର କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

# କେନ୍ଦ୍ରୀୟ ଖେଳ ପଡିଆରେ ସାଂସଦ ଖେଳ ମହୋତ୍ସବ




ଯୋଡ଼ା, (ମହାଭାରତ) ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଲୁକାୟିତ ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାକୁ ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ଯୋଡ଼ା କେନ୍ଦ୍ରୀୟ ଖେଳ ପଡିଆରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। କ୍ରୀଡା ଦକ୍ଷତା ବିକାଶ କରିବା ପାଇଁ ଏହି ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକର ବିଭିନ୍ନ ଅଞ୍ଚଳର କ୍ରିକେଟ ଖେଳାଳି ପଞ୍ଜୀକରଣ କରି ଖେଳରେ ଭାଗ ନେଇଛନ୍ତି। ୨୦ ଟି ଦଳ ଏଥିରେ ଭାଗ ନେଇଥିବା ଜଣାପଡିଛି। ମଙ୍ଗଳବାର ଅନୁଷ୍ଠିତ ଏହି ଉତ୍ସବରେ ଯୋଡ଼ା ଗୋଷ୍ଠି ଉନ୍ନୟନ ଅଧିକାରୀ ଡେନିସ ବେହେରା,ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ,ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା ,ଯୋଡା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ,କେନ୍ଦୁଝର ସାଂସଦ ପ୍ରତିନିଧି ବି ଏନ୍ ଦାସ,ଚମ୍ପୁଆ ବାର୍ ଆସୋସିଏସନ୍ ସଭାପତି ରମେଶ କୁମାର ପ୍ରଧାନ,ଯୋଡା ନଗର ଭାଜପା ପୂର୍ବତନ ସଭାପତି ସୁଶାନ୍ତ କୁମାର ବେବର୍ତ୍ତା ,ରଶ୍ମି ରଥ ମହାକୁଡ, କାଉନସିଲର ରଶ୍ମିତା ପାଣିଗ୍ରାହୀ,ପୂଜା ସିଂ ଆଲ୍‌ଦା,ଗଣେଶ ମୋଦି, ଙ୍କ ସମେତ ବହୁ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଗୋଲାମୁଣ୍ଡା, (ମହାଭାରତ): ସୋମବାର ଦିନ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଆଦର୍ଶ ବିଦ୍ୟାଳୟ ପରିସରରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ଥିଲା । ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୧୫ ଟି କ୍ଲଷ୍ଟର ସ୍ତରୀୟ ପ୍ରଥମ ସ୍ଥାନରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ରେ ୧୫ ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ, ସର୍ବୋତ୍ତମ ବିକାଶ କଳା, ହସ୍ତଶିଳ୍ପ, ନୃତ୍ୟ, ସାଂସ୍କୃତିକ, ସାଧାରଣ ଜ୍ଞାନ,ପିଏମ ପୋଷଣ,ତଥା ଅନେକ ଶିକ୍ଷଣୀୟ ଯାହା ଛାତ୍ରଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ଦିଗରେ ସହାୟକ ହୋଇଥାଏ। ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ହେମ ସାଗର ମହାନନ୍ଦ , ଓ ଏ ଭି ପ୍ରିନ୍ସିପାଲ ଲକ୍ଷ୍ମୀ ଧର ମେହେର, ରାଜେଶ କୁମାର ନାୟକ,ଏବିଓ ପ୍ରଭାତ ଖମାରୀ,ଏବିଓ ଲିନା ଦାସ ଯୋଗଦେଇଥିଲେ।

# ଦୁର୍ନୀତି ନିର୍ବାରଣ ସଚେତନତା କାର୍ଯ୍ୟକ୍ରମ

ନୂଆଗାଁ (ମହାଭାରତ) : ନୂଆଗାଁ ବ୍ଲକ୍ ସଭାଗୃହରେ ନୟାଗଡ଼ ଜିଲ୍ଲା ଦୁର୍ନୀତି ନିର୍ବାଣ କାର୍ଯ୍ୟାଳୟ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ସରକାର ଦୁର୍ନୀତି ମୁକ୍ତ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ କିଭଳି ଦୁର୍ନୀତି ନିବାରଣ ହୋଇପାରିବ ସେ ନେଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି।ଏଥିରେ ନୟାଗଡ଼ ଜିଲ୍ଲା ଭିଜିଲାନ୍ସ ଡିଏସ୍ ?ପି ଅନିରୁଦ୍ଧ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତ ଙ୍କ ସହଯୋଗ ଏକାନ୍ତ ଆବଶ୍ୟକତା ରହିଛି ବୋଲି କହିଥିଲେ।ଦୁର୍ନୀତିମୁକ୍ତ ହେଲେ ଆମେ କାହାରିକୁ ଭୟବିତ ନହୋଇ ନିଜର କାର୍ଯ୍ୟ କରିବା ସହ ଖୁସିରେ ବଞ୍ଚି ପାରିବା ବୋଲି ଏକ ଗପ ମାଧ୍ୟମରେ ବୁଝାଇଥିଲେ।ତେଣୁ ଆମେ ଯଦି କିଛି ଦୁର୍ନୀତି କରୁଛେ ତେବେ ଦଣ୍ଡ ନିଶ୍ଚିତ ପାଇବା ବୋଲି କହିଥିଲେ।ଦୁର୍ନୀତି ନକରିବା ଏବଂ ଅନ୍ୟକୁ ସଚେତନ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୂଆଗାଁ ବ୍ଲକ୍ ?ର ସମସ୍ତ କର୍ମଚାରୀ ମାନଙ୍କୁ ଡିଏସ୍ ?ପି ଶ୍ରୀ ନାୟକ ପ୍ରଥମେ ଶପଥ ପାଠ କରାଇଥିଲେ।ଏହି କର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକ୍ ଏବିଡିଓ ମୀନକେତନ ବେହେରା,ମହିପୁର ଫାଣ୍ଡି ଅଧିକାର ବିରଞ୍ଚି ନାରାୟଣ ଅମାତ,ଏପିଓ ଅମରେନ୍ଦ୍ର ସାହୁ, ନୂଆଗାଁ ବ୍ଲକ୍ ଜିପିଓ ସାଧୁ ଚରଣ ନାୟକ,ସିପି ପ୍ରମୁଖ ଯୋଗ ଦେଇଥିବା ବେଳେ ବ୍ଲକ୍ ?ର ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ପୁଣି ଦାଦନ ନେଲା ଦୁଇ ଜୀବନ

ଜୁନାଗଡ଼, (ମହାଭାରତ) : ଦାଦନ କବଳରେ କଳାହାଣ୍ଡି । ପୁଣି ଜଣେ ଦାଦନ ଶ୍ରମିକ ଶବ ହୋଇ ଘରକୁ ଫେରିଛି । ଏଏହା ଗୋଟିଏ କି ଦୁଇଟି ନୁହେଁ, ପ୍ରତିଦିନ ଦାଦନ ଶ୍ରମିକ ନିର୍ଯାତନା ଓ ମୃତ୍ୟୁର ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି । ହେଲେ ଏତେ ସବୁ ପରେ ବି ଚେତୁନି ପ୍ରଶାସନ । ଏବେ ବି ଗରିବ ଶ୍ରମିକ ନିଜ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଖଟିବାକୁ ଯାଉଛି । ଆଉ ଚୁପ୍ ? ବସିଛନ୍ତି ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପୁଅ ମୋର ରୋଜଗାର ପାଇଁ ଯାଇଛି । ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ପୁଣି ଦୁଇଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଜଣଙ୍କ ଶବ ଗାଁ କୁ ଫେରିଥିବା ବେଳେ ଆଉଜଣଙ୍କ ଏବେବି ତାମିଲନାଡୁରେ ପଡି ରହିଛି । କିନ୍ତୁ ଅସହାୟ ପରିବାର ସେପଟେ ଶବ ଥିଲେ ମଧ୍ୟ ଗାଁର ରୀତିନୀତି ଅନୁସାରେ ଦଶାହ କାର୍ଯ୍ୟ କରିଛନ୍ତି । କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ଆଟିଗାଁ ପଞ୍ଚାୟତ ମିଚାଗାଁ ପୁରୁଣାପଡାର ଲୁକୁସ ପ୍ରଧାନୀ ବାପା ମାଁ ନ ଥିବା ବେଳେ ଦୁଇ ବଡ଼ଭାଇ ଓ ଭାଉଜଙ୍କ ପାଖରେ ରହୁଥିଲେ । ଗତ ୨୦୨୪ ।ମସିହା ନଭେମ୍ବର ମାସରେ ତାମିଲନାଡୁକୁ ଦାଦନ ଖଟିବା ପାଇଁ ଯାଇଥିଲେ । ତାମିଲନାଡୁ ରେ ପ୍ରାୟ ୧୧ ମାସ କାମ କରିବା ପରେ ଚଳିତ ଅକ୍ଟୋବର ୧୭ ତାରିଖରେ ଘରକୁ ଫେରିଥିଲେ । ହେଲେ ଗତ ୨୦ ତାରିଖରେ ତାମିଲନାଡୁର ଏକ ରେଳ ଧାରଣାରେ ଖଣ୍ଡବିଖଣ୍ଡିତ ଶବ ମିଳିଥିଲା । ଏପଟେ ପରିବାର କହିଲେ ତାଙ୍କ ଦୁଇ ଭାଇ, ଖଟିଲେ ଖାଇବାକୁ ମିଳେ । କେବେ ମଧ୍ୟ ଅନ୍ୟ ରାଜ୍ୟକୁ ଯାଇ ନାହାନ୍ତି । ଏମାନଙ୍କ ପାଖରେ ଶବ ଆଣିବା ପାଇଁ ସକ୍ଷମ ନ ଥିବା ବେଳେ ଶବ ପୋଡିବା ପାଇଁ ମଧ୍ୟ ଅକ୍ଷମ ଅଟନ୍ତି । ଯେହେତୁ ଗାଁ ରେ ବସବାସ କରନ୍ତି ଗାଁ ର ରୀତିନୀତି ଅନୁସାରେ ବର୍ତ୍ତମାନ ମଧ୍ୟ ଶବ ସେଠାରେ ଥିବା ବେଳେ ଏପଟେ ଘର ଲୋକେ ଦଶାହ କାର୍ଯ୍ୟ ଶେଷ କରିଦେଲେ । ସେହିଭଳି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତର ହରଡାପଡା ଗ୍ରାମର ଧନସିଂ ମାଝୀଙ୍କ ପୁଅ କୌଶିକ ମାଝୀ(୨୮) ବାପା,ମାଁ ନିଜ ସ୍ତ୍ରୀ ଓ ଦୁଇ କୁନି ପୁଅଝିଅ କୁ ଛାଡି ଗତ ରଥଯାତ୍ରା ସମୟରେ ହାଇଦ୍ରାବାଦ ର ଇଟାଭାଟି ରେ କାମ କରିବାକୁ ଯାଇଥିଲେ । ପ୍ରାୟ ଦେଢ଼ ମାସ କାମ କରିବା ପରେ କାମ କରୁଥିବା ସମୟରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି । ଏପଟେ ଗରିବ ପରିବାର ପକ୍ଷରୁ ରୋଜଗରିଆ ପୁଅକୁ ହରାଇ ଚିନ୍ତାରେ ପରିବାର ।

# ବିଜେଡି ପକ୍ଷରୁ ଜନସଂପର୍କ ପଦଯାତ୍ରା

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ପାଟଣା ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଙ୍କ ନେତୃତ ଅନୁଷ୍ଠିତ ହୋଇ ଛି। ଏହି ଜନ ସମ୍ପର୍କ ପଦଯାତ୍ରା ରେ ସଦର ବ୍ଲକ ୪ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ର,ପାଟଣା ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ସୌଭାଗ୍ୟ ମଞ୍ଜରୀ ନାୟକ,୨୩ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ, ସାହାରପଡା ବ୍ଲକ ଅଧ୍ୟକ୍ଷ ରୀନା ନାଏକ,୩୦ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଚମ୍ପାବତି ଗୁଡୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକାନ୍ତି ନାଏକ,ମହିଳା ବ୍ଲକ ସଭାନେତ୍ରୀ ସୁକାନ୍ତି ମହାନ୍ତ, ବିଜେଡି ନେତା ସ୍ୱପ୍ନ ସିଂହ,ସତ୍ୟବ୍ରତ ନାଏକ,ପାଟଣା ବ୍ଲକ ବିଜେଡ଼ି ଯୁବ ଛାତ୍ର ସଭାପତି ପରମେଶ୍ୱର ମହାନ୍ତ, ଉତ୍ତର ଓଡ଼ିଶା ଜୋନ ଛାତ୍ର ସଭାପତି ବିପ୍ଳବ ପୁଷ୍ଟି,ବିଜେଡି ବ୍ଲକ ଯୁବ ସଭାପତି ସତ୍ୟନାରାୟଣ ପଣ୍ଡା,ଛାତ୍ର ବ୍ଲକ ସଭାପତି ଭବାନୀ ମହାନ୍ତ ଯୋଗଦାନ କରିବା ସହ ବିଜେଡି ର ସଂଖ୍ୟାଧିକ ନେତା,କର୍ମୀ ମାନେ ସାମିଲ ହୋଇ କେନ୍ଦେଇପଶି ପଞ୍ଚାୟତ ରୁ ଆରମ୍ଭ କଣ୍ଟିଆପଦା,ବାଉଁଶୁଳି,ତୁରୁମୁଙ୍ଗା, ବୁଢ଼ାକାପୁଡ଼ି ପଂଚାୟତ ହୋଇ ଝୁମ୍ପୁରା ବ୍ଲକ ବାଟିଆ ପାରେ ପହଞ୍ଚି ଥିବା ଦେଖିବାକୁ ମିଳିଛି।

# ବିଶ୍ୱାସ-ଅନ୍ଧବିଶ୍ୱାସ, ଅକାଳ ମୃତ୍ୟୁ ରୋକିବାକୁ ଆଦିବାସୀ ଗାଁରେ ଝାଙ୍କର ମାଁଙ୍କୁ ପୂଜା

ନାରାୟଣପାଟଣା, (ମହାଭାରତ) : ଅନ୍ଧବିଶ୍ୱାସ ରୋକିବା ପାଇଁ ସଚେତନ କରୁଛନ୍ତି ସରକାର। କୋଉଠି ସଫଳ ହେଉଛି ତ କେଉଁଠି ବିଫଳ ।ଚଳିତ ବର୍ଷ ଗୋଟିଏ ଜାତିରେ ପ୍ରେମ ବିବାହ କୁ ନେଇ ଆଦିବାସୀ ପ୍ରେମୀ ଯୁଗଳ ଙ୍କୁ ବେକରେ ଶିକୁଳୀ ପଘା ପକେଇ ହଳ କରିବା ଘଟଣା ରାଜ୍ୟ ରେ ଚହଳ ସୃଷ୍ଟି କରିଥିଲା । କିନ୍ତୁ ସେତେବେଳେ ର ଘଟଣା ଲୋକେ ଭୁଲି ପାରିନଥିବା ବେଳେ ନାରାୟଣପାଟଣା ବ୍ଲକ ରେ ଆଉ ଏକ ଅନ୍ଧବିଶ୍ୱାସ ଘଟଣା ଦେଖିବାକୁ ମିଳିଛି । ଗାଁ ରେ ଅକାଳ ମୃତ୍ୟୁ ତାଣ୍ଡବ ଯୋଗୁଁ ଗୋଟିଏ ପରେ ଗୋଟିଏ ଗାଁ ଲୋକ ଆଖି ବୁଝିବା ପରେ ଗ୍ରାମ ରେ ଡାଳିଣି ଓ ମୃତ୍ୟୁର ଆତଙ୍କ ରୁ ବଂଚିତ ହେବା ପାଇଁ ଗ୍ରାମ ଦେବୀ ଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗ୍ରାମ ଝାଙ୍କର ଦେବୀ ଙ୍କୁ ପୁଜା ଅର୍ଚ୍ଚନା କରି ଶାନ୍ତି ପୁଜା ପାଠ କଲେ ମୃତ୍ୟୁ ର ତାଣ୍ଡବ ରୁ ବଂଚିତ ହେବେ



ବୋଲି ଗ୍ରାମବାସୀ ଝାଙ୍କର ଦେବତା ଙ୍କୁ ପୁଜା କରିଛନ୍ତି ।ଏ ଘଟଣା ନାରାୟଣପାଟଣା ସଦର ଗାଦବାଡୁଡା ଗାଁ ରେ ଘଟଛି ।ଚଳିତ ବର୍ଷ ଗାଁ ରେ ଗୋଟେ ପରେ ଗୋଟେ ଆଠଟି ଜୀବନ ଯାଇଛି ।କିଏ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଛି ,ତ ଆଉ କିଏ ରୋଗରେ ପଡି ।ମୃତ୍ୟୁର ଲମ୍ବା ଲାଇନ୍ ଗାଁ ରେ ହେବାରୁ ଗାଁ ଇଷ୍ଟ ଦେବୀ ରାଗିଛନ୍ତି ।ସେ କୈଣସି କାରଣରୁ ଗାଁ ଛାଡି ଚାଲିଯାଇଛନ୍ତି ।ତେଣୁ ସେ ଅଶାନ୍ତ ରେ ଥିବାରୁ ଗାଁ ରେ ଅଶାନ୍ତିର ବାତାବରଣ ହେଇଛି ।ଗୋଟେ ପରେ ଗୋଟେ ଗାଁ ର ଲୋକେ ଆଖି ବୁଝୁଛନ୍ତି। ମାଁ ଝାଙ୍କେରୀ ଙ୍କୁ ପୁଣି ପୁଜା ପାଠ କରି ଗାଁ କୁ ଫେରେଇ ଆଣିବାକୁ ଗାଁ ଲୋକେ ନିଷ୍ପତି ନେଇଥିଲେ । ମାଁ ସନ୍ତୁଷ୍ଟ ହେଲେ ଗାଁ ଶାନ୍ତି ହେବ । ଏଥିପାଇଁ ଚଳିତ ସପ୍ତାହରେ ଗାଁ ରେ ବୈଠକ ବସିଲା । ପ୍ରତ୍ୟେକ ଘରେ ଚାନ୍ଦା ଉଠାଇ ବେଜୁଣି ଜରିଆରେ ଆଦିବାସୀ ପରମ୍ପରା ରୀତିକାନ୍ତି ରେ ବାଜା ମହୁରୀ ଫୁଲଦୀପ ଚନ୍ଦନ ରେ ଗାଁ ଛାଡି ଚାଲିଯାଇଥିବା ଝାଙ୍କରୀ ମାଁ ଙ୍କୁ ଆରାଧନା କରାଯାଇ ଗାଁ କୁ ଅଣାଗଲା । ଭୋଜିଭାତ ଆୟୋଜନ କରାଯାଇ ଝାଙ୍କରି ଦେବତା ଙ୍କୁ ସଙ୍କୀର୍ତ୍ତନ ପୁଜା ପାଠ କରି ସନ୍ତୁଷ୍ଟ କରାଗଲା ।ବିଦ୍ଧି ଓ ପରମ୍ପରା ଅନୁସାରେ ଆଠ ଦିନ ଯାଏଁ ନା କେହି ଗାଁ ବାହାରକୁ ଯିବେ ନା କେହି ଗାଁ କୁ ପ୍ରବେଶ କରିବେ ।ଏହା ଅବହେଳା ହେଲେ ବିଭ୍ରାନ୍ତ ହେଲେ ଝାଙ୍କରି ଦେବତା ରାଗିବେ । ଅସନ୍ତୋଷ ହୋଇ ପୁଣି ଗାଁ ଛାଡି ଚାଲିଯିବେ ।ତେଣୁ ପ୍ରବେଶ ପଥରେ ବାଉଁଶ ବାଡ କରି ଏକ ଲେଖା ଜରିଆରେ ସଚେତନ ଓ ସତର୍କ କରିଛନ୍ତି ଗାଁ ଲୋକେ ।ଏ କଥା ପୁର୍ବ ପୁରୁଷ ଧରି ପରମ୍ପରା ରହି ଆସିଛି ।ଏହା ଆଦିବାସୀ ପ୍ରଥା ।ଯିଏ ଯାହା ବୁଝିଲା ।ଆମେ ଆଦିବାସୀ,ଆମେ ଆମ ପରମ୍ପରା ଛାଡିପାରିବୁ ନାହୁଁ ବୋଲି କହିଛନ୍ତି ଗ୍ରାମବାସୀ।ତେବେ ବୈଜ୍ଞାନିକ ଯୁଗରେ ସଚେତନ କରାଯାଉଥିବା ବେଳେ ଏଭଳି ଅନ୍ଧବିଶ୍ୱାସ ଆଜି ଆଦିବାସୀଙ୍କ ବହୁଳ ଅଂଚଳ ବଜାୟ ରହିଛି।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

ଆସିକା:(ମହାଭାରତ): ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟଠାରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ବ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରର କର୍ମଶାଳା ଉଦଘାଟିତ ହୋଇଯାଇଛି । ଏହି ଶିବିର ରେ ମହାବିଦ୍ୟାଳୟର ଅଧକ୍ଷ ଅମର ପ୍ରସାଦ ବିଷୋୟୀ ଅଧକ୍ଷତାରେ ଉତ୍ତର ଘୁମୁସର ବନଖଣ୍ଡ ବିଭାଗର ମୁଖ୍ୟ ହିମାଂଶୁ ଶେଖର ମହାନ୍ତି,ଉଚ୍ଚଶିକ୍ଷା ବିଭାଗର ବିଶ୍ ବିଦ୍ୟାଳୟର ସ୍ତରୀୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡା,ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଶିବିରରେ ସାଂପ୍ରତିକ ସମୟରେ ଜଙ୍ଗଲ ସଂରକ୍ଷଣର ଗୁରୁ,ବନ୍ୟଜନ୍ତୁର ସୁରକ୍ଷା କରିବା ଦିଗରେ ଆଲୋଚନା କରିଥିଲେ ।ଏହି ତ୍ରିଦିବସୀୟ ଯୁବ ନେତୃ ଶିବିରରେ ଜିଲ୍ଲାର ପ୍ରାୟ ୧୬ ଗୋଟି ଅନୁଷ୍ଠାନର ଜାତୀୟ ସେବା ଯୋଜନାର ସଂଯୋଜକ ଓ ପ୍ରାୟ ୨୦୦ ସ୍ୱେଚ୍ଛାସେବୀ ମାନଙ୍କ ନିମନ୍ତେ ଅଂଶଗ୍ରହଣ କରିଛନ୍ତି ।ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଶିଲୁ ସେଠି,ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ଗଣେଶ ସାହୁ,ରାଜ୍ୟ ଜାତୀୟ ସେବା ଯୋଜନାର ଉପଦେଷ୍ଟା ମଧୁସୂଦନ ଦାସ,ପ୍ରମୁଖ ଯୋଗ ଦେଇଥିଲେ ।ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ ସମାଜ ସେବା ର ଆବଶ୍ୟକତା, ସେବା କରିବାର ମହ□,ସେବା ଦ୍ୱାରା ଆତ୍ମସନ୍ତୋଷ ମିଳେ,ସେ ବିଷୟରେ ସୂଚନା ପ୍ରଦାନ କରି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିର ରେ ଯୁବ ନେତୃତ୍ବ ଓ ଯୁବକ ମାନେ କିପରି ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବେ,ଲାଜ ଓ ଭୟରୁ ମୁକ୍ତି ହୋଇ ଲାଭ ଓ ଜୟର ନିକଟତର କିପରି ହେବା ଆଦି ବିଷୟକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ପ୍ରଥମଦିନ ପ୍ରଶିକ୍ଷଣ ରେ ଜଳବାୟୁ ପରିବର୍ତ୍ତନ କାରଣ , ନିରାକରଣ ଓ ପରିବେଶ ସୁରକ୍ଷା ବିଶେରେ ଏକ ଅଧିବେସନ ଅନୁଷ୍ଠିତ ହୋଇଛି । ଏହା ସହ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ସ୍ୱେଚ୍ଛାସେବୀ ମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇଛି ।

# କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୫ ଉଦ୍‌ଘାଟିତ




ପାରାଦୀପ(ମହାଭାରତ): ପାରାଦୀପ ସମୁଦ୍ର ବେଳାଭୂମି ନିକଟସ୍ଥ ବିଜୁ ମୈଦାନ ବାଲିଯାତ୍ରା ପଡ଼ିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପାରମ୍ପରିକ ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୫ ମଙ୍ଗଳବାର ସନ୍ଧ୍ୟାରେ ମହା ସମାରୋହରେ ଉଦଘାଟିତ ହୋଇଯାଇଛି ।ମୁଖ୍ୟମନ୍ତ୍ରୀ ଅପରାହ୍ନରେ ହେଲିକାପ୍ଟର ରେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ରେ ଅବତରଣ କରିବା ପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ବାଲିଯାତ୍ରା ମଞ୍ଚ ନିକଟକୁ ନିଆଯାଇଥିଲା । ଏହି ଅବସରରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମୀ ମାନେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିବାର ଦେଖିବାକୁ ମିଳିଥିଲା । ଏହି ମହୋତ୍ସବ ଓଡ଼ିଶାର ପାରମ୍ପରିକ ସାମୁଦ୍ରିକ ବାଣିଜ୍ୟ, ମେଳା ଏବଂ ପୂର୍ବ ଓଡ଼ିଶାର ସମୃଦ୍ଧ ସଂସ୍କୃତିର ଏକ ରଙ୍ଗୀନ ସ୍ମରଣକାରୀ। କଳିଙ୍ଗ ବାଲିଯାତ୍ରା ହେଉଛି ବାଲି ସହିତ ପୁରୁଣା ପାରମ୍ପରିକ ସାଂସ୍କୃତିକ ଏବଂ ଅର୍ଥନୈତିକ ବାଣିଜ୍ୟ ସମ୍ପର୍କର ପ୍ରତୀକ। ଏହି ମହୋତ୍ସବ ପ୍ରାଚୀନ ଓଡ଼ିଶାର ଗୌରବମୟ ସାମୁଦ୍ରିକ ବାଣିଜ୍ୟ ଏବଂ ସମୃଦ୍ଧିର ପ୍ରତୀକ, ଯାହାକୁ କଳିଙ୍ଗ ନାମରେ ଜଣାଶୁଣା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୯୨ ମସିହାରେ ପାରାଦୀପରେ କଳିଙ୍ଗ ବାଲିଯାତ୍ରା ଆରମ୍ଭ କରିଥିଲେ। କଳିଙ୍ଗର ସାମୁଦ୍ରିକ ଗୌରବର ସ୍ମୃତିକୁ ପୁନର୍ଜୀବିତ ଏବଂ ସତେଜ କରିବା ପାଇଁ, ୧୯୯୨ ମସିହାର କାର୍ତ୍ତିକ ପୂର୍ଣ୍ଣିମାରେ ଏକ ଅଭିଯାନ ଆୟୋଜନ କରାଯାଇଥିଲା। ଓଡ଼ିଶାର ପାରାଦୀପ ବନ୍ଦରରୁ ସାତ ଜଣ ସଦସ୍ୟଙ୍କୁ ନେଇ ଏକ ୧୩ ମିଟର ଲମ୍ବା ଏକ ପାଲଟଣା ନୌକା ବାଲି ଅଭିମୁଖେ ଯାତ୍ରା କରି ପ୍ରାଚୀନ ବାଣିଜ୍ୟ ପଥକୁ ପୁନର୍ବାର ଅନୁସରଣ କରିଥିଲେ। ଆଇଏନଏସ ସମୁଦ୍ର ନୌକାରେ ମାତ୍ର ୧୭ ସପ୍ତାହ ମଧ୍ୟରେ ୫,୮୧୦ ନଟିକାଲ୍ ମାଇଲ୍ ଦୂରତା ଅତିକ୍ରମ କରିଥିଲା। ସେବେଠାରୁ ବାଲିଯାତ୍ରା ପାଳନ ଚାଲିଛି ଯାହା ଏହି ଅଞ୍ଚଳର ଗୌରବମୟ ସାମୁଦ୍ରିକ ପରମ୍ପରାକୁ ମନେ ପକାଇଥାଏ। ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରାକୁ ସ୍ମୃତିଚାରଣ କରିଥିଲେ। ଦୀର୍ଘ ବର୍ଷ ଧରି ମହୋତ୍ସବକୁ ସଫଳତାର ସହିତ ପରିଚାଳନା ପାଇଁ ଆୟୋଜକଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସେହିପରି ପାରାଦୀପ ବିଧାୟକ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ସମୃଦ୍ଧ ପରମ୍ପରା ଏବଂ ସାମୁଦ୍ରିକ କାର୍ଯ୍ୟକଳାପ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଉଦଘାଟନୀ ସଭାରେ କଳିଙ୍ଗ ବାଲିଯାତ୍ରା କମିଟି (କେବିସି)ର ଅଧ୍ୟକ୍ଷ ଏବଂ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଲୋକସମ୍ପର୍କ ଅଧିକାରିଣୀ ପ୍ରତୀଚୀ ତନୟା ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ କମିଟିର ସମ୍ପାଦକ ତଥା ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଏହି ଉଦଘାଟନୀ ଅବସରରେ ବହୁ ଜନସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା । ସୂଚନାଥାଉକି ଆସନ୍ତା କାଲି ବୁଧବାର ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାରାଦୀପ ବନ୍ଦର ୱେଟବେସିନ ଠାରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

## ପର୍ଯ୍ୟଟନ ସ୍ଥଳୀରେ ବେଆଇନ ଚାନ୍ଦା ଆଦାୟକୁ ବିରୋଧ



କେନ୍ଦୁଝର,(ମହାଭାରତ):ବେଆଇନ ଚାନ୍ଦା ଆଦାୟକୁ ବିରୋଧ କରି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ତଳକଇଁସାରୀ ପଞ୍ଚାୟତ ମେଦିନୀପୁର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ।ବଡଘାଗରା ପର୍ଯ୍ୟଟନ ସ୍ଥଳୀରେ କିଛି ଯୁବକ ଯାଉଥିବା ଲୋକ ଙ୍କୁ ଠାରୁ ବେଆଇନ ଭାବେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି ।ଏନେଇ ସେପ୍ଟେମ୍ବର ୨୦ରେ ଅତିରକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା ।ସେ ସଦର ଥାନା ଅଧିକାରୀଙ୍କ ସହ ଭେଟିବାକୁ କହିବାରୁ ଲୋକେ ଥାନା ଅଧିକାରୀ ଙ୍କୁ ଭେଟିଥିଲେ ହେଁ କୌଣସି ସୁଫଳ ମିଳିନଥିବା ଅଭିଯୋଗରେ ଦର୍ଶାଯାଇଛି ।ପରେ ଅକ୍ଟୋବର ୯ରେ ସଦର ଏସଡିପିଓଙ୍କୁ ଭେଟିବା ପରେ ସେ ସଦର ଥାନା ଅଧିକାରୀ ଙ୍କୁ ପଚାରିବା ରୁ ସ୍ଥାନୀୟ ସରପଞ୍ଚ ଓ ଗ୍ରାମର ୱାର୍ଡ ମେମ୍ବର ମିଶି ସେଠାରେ ଉଠାଉଛନ୍ତି ବୋଲି ମିଥ୍ୟା କଥା ଏସଡିପିଓ ଙ୍କୁ କହିଥିବା ଲୋକେ ଅଭିଯୋଗ କରିଛନ୍ତି ।ଏଣୁ ପରଦିନ ସରପଞ୍ଚ,ୱାର୍ଡମେମ୍ବର ସମେତ ଲୋକମାନେ ସଦର ଥାନା ଅଧିକାରୀ ଙ୍କୁ ଭେଟିଥିଲେ ।ସେ ବେଆଇନ ଚାନ୍ଦା ଉଠାଣ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ପୂର୍ବପରି ଚାନ୍ଦା ଉଠାଣ ଚାଲିଥିବାରୁ ଜନସାଧାଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।ପର୍ଯ୍ୟଟନ ସ୍ଥଳୀରେ ବେଆଇନ ଚାନ୍ଦା ଆଦାୟକୁ ବିରୋଧ କରି ସୋମବାର ୱାର୍ଡମେମ୍ବର ଗୀତା ମୁଣ୍ଡା,ଅନିଲ ନାଏକ,ନାରାୟଣ ପ୍ରଧାନ,ଲକ୍ଷ୍ମୀଧର ଦେହୁରୀ,ଚମ୍ପୁ ପଧାନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବି ପତ୍ର ଦେବା ସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ଜିଲ୍ଲା ସ୍ତରୀୟ ଛାୟା ସାଂସଦ ଅନୁଷ୍ଠିତ

କେନ୍ଦୁଝର (ମହାଭାରତ): ଜିଲ୍ଲା ସ୍ତରୀୟ ଛାୟା ସଂସଦ ସ୍ଥାନୀୟ ପି ଏମ ଶ୍ରୀ ବାଳିକା ବିଦ୍ୟାଳୟ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାୟା ସଂସଦ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ,ଶ୍ରୀକାନ୍ତ ବେହେରା,ରୁଦ୍ର ନାରାୟଣ ସାମଲ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ର ବରିଷ୍ଠ ଶିକ୍ଷା ପ୍ରଶିକ୍ଷିକା ଦେବସ୍ମିତା ଚକ୍ର ସ୍ଥାନୀୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜୟ ପ୍ରକାଶ ରାଉତ ଉପସ୍ଥିତ ରହି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରେ ଥିବା ୧୯ ଗୋଟି ପି ଏମ ଶ୍ରୀ ବିଦ୍ୟାଳୟ ରୁ ମନୋନୀତ ହୋଇ ଆସିଥିବା ଶିଶୁ ମାନେ ଏହି ସଂସଦ ସଭା ରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟ ରୁ ପ୍ରଧାନ ମନ୍ତ୍ରୀ ବାଚସ୍ପତି ଉପ ବାଚସ୍ପତି ବିଭିନ୍ନ ମନ୍ତ୍ରୀ ସାଂସଦ ର ଭୂମିକା ନିଭାଇ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଆଜି ର ଗୃହ ରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ କ୍ରୀଡ଼ା ଉପରେ ପ୍ରଶ୍ନକାଳ ଆୟୋଜିତ ହୋଇଥିଲା। ବିରୋଧୀ ତଥା ଶାସକ ଦଳ ର ସାଂସଦ ମାନଙ୍କର ପ୍ରଶ୍ନ ଗୁଡ଼ିକର ଉତ୍ତର ସଂପୃକ୍ତ ମନ୍ତ୍ରିଗଣ ଉ□ର ରଖିଥିଲେ। ଶିଶୁ ମାନଙ୍କ ମଧ୍ୟ ରୁ ସର୍ବୋତ୍ତମ ୨ ଜଣ ଶିଶୁ ରାଜ୍ୟ ସ୍ତର ଅନୁଷ୍ଠିତ ହେବା କୁ ଥିବା ଛାୟା ଜାତି ସଂଘ ରେ ଅଂଶ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ଯୋଜନା ସଂଯୋଜକ ଅପର୍ଣ୍ଣା ତ୍ରିପାଠୀ ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଏହି ଅବସର ରେ ଅନ୍ତର୍ନିର୍ବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ,ଟ୍ରାଇବାଲ ସଂଯୋଜକ ଦୁର୍ଗା ପ୍ରସନ୍ନ ଲାୟକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ପ୍ରତି ପି ଏମ ଶ୍ରୀ ବିଦ୍ୟାଳୟ ରୁ ୪ ଜଣ ଲେଖାଏଁ ଶିଶୁ ଅଂଶ ଗ୍ରହଣ କରିଥିଲେ ।ସର୍ବଶେଷ ରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା ।




## ଗାଁ'କୁ କାମ, ମା'ଙ୍କୁ ସମ୍ମାନ ପାଇଁ ଘରକୁ ଘର ବୁଲି ଭୋଟ୍ ମାଗିଲେ ସ୍ନେହାଙ୍ଗିନୀ ଛୁରିଆ



ନୂଆପଡା:(ମହାଭାରତ) ମା'ଙ୍କୁ ସମ୍ମାନ, ଗାଁକୁ କାମ ମିଳିବ । ଅଟକି ଯାଇଥିବା ମହିଳା ସଶକ୍ତିକରଣ ପୁଣି ଆଗକୁ ବଢିବ । ନୂଆପଡ଼ାବାସୀଙ୍କୁ ସେମାନଙ୍କ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ । ଚାଷୀଙ୍କ ପାଇଁ ଆମେ ସ୍ୱର ଉଠାଇବୁ। ମଙ୍ଗଳବାର ବିଜୁ ଜନତା ଦଳର ପ୍ରାର୍ଥୀନୀ ନୂଆପଡା ବ୍ଲକରେ ଜିଲ୍ଲାପରିଷଦ ଜୋନ୍-୮ର ୫ଟି ଗ୍ରାମପଞ୍ଚାୟତରେ ବିଜେଡି ସପକ୍ଷରେ ଭୋଟ ମାଗିବା ଅବସରରେ ଏହି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଆଜି କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଲୋକଙ୍କ ଦ୍ୱାରା ବେଶ୍ ଆଦର ଓ ଆଶୀର୍ବାଦ ଲାଭ କରିଥିଲେ । ଏହି ଅବସରରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ଶୁଣିଥିଲେ । ଅଞ୍ଚଳର ବିକାଶ ପାଇଁ କ'ଣ ଆବଶ୍ୟକ ପଚାରି ବୁଝିଥିଲେ । ନବୀନ ବାବୁଙ୍କ ସମୟରେ ହୋଇଥିବା ବିକାଶମୂଳକ କାମ ପାଇଁ ସେମାନେ ଏଥର ମଧ୍ୟ ବିଜେଡିକୁ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଜେଡିର ବରିଷ୍ଠ ନେତା ଡ଼ ଅରୁଣ ସାହୁଙ୍କ ସହ ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି, ପ୍ରଶାନ୍ତ ବେହେରା ଓ ସାରଦା ଜେନା ବିଜେଡିକୁ ଭୋଟ୍ ଦେଇ ନବୀନ ବାବୁଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବାକୁ ଆହ୍ୱାନ ଜଣାଇଥିଲେ । ଶ୍ରୀମତୀ ଛୁରିଆଙ୍କୁ ସ୍ଥାନୀୟ ଲୋକେ କୃଷି ଉତ୍ପାଦନ ବୃଦ୍ଧି ଓ ବିପଣନ ବୃଦ୍ଧି ସମ୍ପର୍କରେ ଜଣାଇବା ସହିତ ସହଯୋଗ କାମନା କରିଥିଲେ । ଏହି ପ୍ରଚାର ଅଭିଯାନରେ ଶ୍ରୀମତୀ ଛୁରିଆ କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ଗ୍ରାମପଞ୍ଚାୟତର ଅନେକ ସ୍ଥାନୀୟ ଗ୍ରାମକୁ ଯାତ୍ରା କରି ବିଜେଡି ସରକାରଙ୍କ ସଫଳ ଗାଥା ଦୋହରାଇଥିଲେ । କୁଲିଆବନ୍ଧାରେ ସେ ବୋଥା, ଘେରେଣ୍ଡିହୀ, ସେନଭଟା, ଧନୋରା, କୁଲିଆବନ୍ଧା ଓ ଧୁମାଧତା ଗ୍ରାମଗୁଡ଼ିକୁ ଯାଇ ପ୍ରଚାର କରିଥିଲେ । ଭାନପୁରରେ ସେ ମାସାଙ୍କୁଣ୍ଡା, ଚୁହୁରା, ଚିଂଚୁଆନ, ରାଣିଦର୍ହା ଓ ଭାନପୁର, ବିରମୋଲରେ ବିରୋମାଲ ଓ ଦରଲିନୂଆପଡାରେ ସେ ପ୍ରଚାର କରିଥିଲେ। ସେହିପରି ଜାମପାଣିରେ ଚିଚିରିପାଣି, ତୋଙ୍ଗୋପାଣି, ଚିନ୍ଧିପାଣି ଓ ଜାମପାଣି ଗ୍ରାମରେ ପ୍ରଚାର କରିଥିଲେ। ଗୋଦଫୁଲ୍ଲାରେ ସେ ପାଗରପାଣି, ଜୁନାନୀ, ଗୋଦଫୁଲ୍ଲା ଓ ଭେରା ଗ୍ରାମକୁ ଯାଇ ଲୋକଙ୍କୁ ଭେଟିଥିଲେ ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର ବଣ୍ଟନ



ଯୋଡ଼ା/ବଡ଼ବିଲ, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଓ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ମାଇନ୍ସର ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ବିଭିନ୍ନ ସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଣ୍ଟନ କରାଯାଇଛି। ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର କେବି ହାଇସ୍କୁଲ, ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା ଟ୍ରାଇବାଲ ଆଣ୍ଡ ଏଜୁକେସନ ଡେଭଲପମେଣ୍ଟ ସୋସାଇଟିର ୨୧୦ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର ଦିଆଯାଇଛି ।ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମରେ ଭଦ୍ରାସାହି ସରପ□ ଶ୍ରୀମତୀ ପ୍ରମିଳା ନାଏକ ଓ ପ୍ରଧାନ ଆଚାର୍ଯ୍ୟ ଶ୍ରୀ କୃଷ୍ଣଚନ୍ଦ୍ର ମହାକୁଡ଼, କେବି ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାତନଳିନୀ ମୁଦୁଲି ଓ ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା ଟ୍ରାଇବାଲ ଆଣ୍ଡ ଏଜୁକେସନ ଡେଭଲପମେଣ୍ଟ ସୋସାଇଟିରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦମୟନ୍ତୀ ସାମଲଙ୍କ ଉପସ୍ଥିତିରେ ପୁସ୍ତକ ବଣ୍ଟନ କରାଯାଇଥିଲା ।ସେହିପରି ବଡ଼ବିଲ ପେଲେଟ ପ୍ଲାଣ୍ଟର ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ବିଭିନ୍ନ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ଦିଆଯାଇଛି। ଦେଓଝର ଧବଳେଶ୍ୱର ହାଇସ୍କୁଲର ୧୨୧, ବିଲେଇପଦା ହାଇସ୍କୁଲର ୭୫ ଓ କଣ୍ଡରା ବିଡି ହାଇସ୍କୁଲର ୩୮ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ଦିଆଯାଇଛି। ଧବଳେଶ୍ୱର ହାଇସ୍କୁଲରେ ସମିତି ସଭ୍ୟା ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡା, ନାଏବ ସରପଞ୍ଚ ଶ୍ରୀମତୀ କାଦମ୍ବିନୀ ନାଏକ, ଜିନ୍ଦଲ ଷ୍ଟିଲ ସିଏସଆର ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରା ଓ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ମିତା ଭଟ୍ଟାଚାର୍ଯ୍ୟ, ବିଲେଇପଦା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଶ୍ରୀ ପରେଶ ଚନ୍ଦ୍ର ପ୍ରଧାନ ଓ କଣ୍ଡରା ବିଡି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ପରିହାଲଙ୍କ ଉପସ୍ଥିତିରେ ଟେଷ୍ଟପେପର ପ୍ରଦାନ କରାଯାଇଥିଲା ।ଜିନ୍ଦଲ ଷ୍ଟିଲର କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ ନିରନ୍ତର ବିକାଶକୁ ଜିନ୍ଦଲ ଫାଉଣ୍ଡେସନ ପ୍ରାଧାନ୍ୟ ଦେଇ ଆସୁଛିୟ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଉନ୍ନୟନ ଏବଂ ନିରନ୍ତର ପରିବେଶ ସ୍ଥିରତା, ମହିଳା ସଶକ୍ତୀକରଣ ଓ ସାଂସ୍କୃତିକ ସଂରକ୍ଷଣ କ୍ଷେତ୍ରରେ ଏହା କାର୍ଯ୍ୟ କରିଆସୁଛି। ଚିରନ୍ତନ ବିକାଶ, ନୂତନତା ଓ ସାମଗ୍ରିକ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ସହ ସମୁଦାୟକୁ ସଶକ୍ତ କରିବା, ସ୍ୱାସ୍ଥ୍ୟକର ଓ ଚିରନ୍ତନ ଭବିଷ୍ୟତ ନିର୍ମାଣ କରିବାରେ ଜିନ୍ଦଲ ଫାଉଣ୍ଡେସନ ଅବିରତ କାର୍ଯ୍ୟ କରୁଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର: ୨୫୬ ଦିବ୍ୟାଙ୍ଗ ପଞ୍ଜିକୃତ

ଦଶପଲ୍ଲା,(ମହାଭାରତ): ନୟାଗଡ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଦଶପଲ୍ଲା ପଚାଂୟତ ସମିତିର ମିଳିତ ଆୟୋଜନରେ ମଙ୍ଗଳବାର ରାଧାମୋହନ ଜୀୟୁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୨୦ଟି ପଚାଂୟତରୁ ଆସିଥିବା ପଞ୍ଜିକୃତ ୨୫୬ଜଣ ଦିବ୍ୟାଙ୍ଗ ପରୀକ୍ଷା କରିବାକୁ ପଂଜୀକୃତ କରିବା ସହିତ ଡାକ୍ତର ପରୀକ୍ଷା କରିଥିଲେ । ଏଥିରେ ଶ୍ରବଣ ବାଧିତ ୬୩, ଦୃଷ୍ଟିବାଧିତ ୧୭, ମାନସିକ ଅନଗ୍ରସର ୪୭ଜଣ, ଓ ଅସ୍ଥି ଶଲ୍ୟ ୧୨୬ଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଥିବା ବେଳେ ବସ ପାସ ପାଇଁ ୦୩ଜଣ ଏବଂ ଆଧାର ପଞ୍ଜିକରଣ ୧୦ଜଣ କରିଥିବା ଜଣାପଡିଛି । ଆୟୋଜିତ ଶିବିରରେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଡାକ୍ତରୀ ଦଳ ଆସିବା ପରେ ସକାଳ ୯ଟାରୁ ଆରମ୍ଭ ହୋଇଥିଲା । ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ବି.ଏସ୍.ରାଓ , ଚକ୍ଷୁ ବିଭାଗର ଡାକ୍ତର ପୀତବାସ ସାହୁ , ଶ୍ରବଣ ବାଧିତ ବିଭାଗର ଡାକ୍ତର ସୀତାଶ୍ରୀ ସେଠୀ, ମନସ୍ତାତ୍ତ୍ୱିକ ବିଭାଗର ଡାକ୍ତର ସବିତା ବରାଡ଼ ଓ ଅଡିଓଲୋଜିଷ୍ଟ ନିଷ୍ଠାରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଚିହ୍ନଟ କରିଥିଲେ। ଆୟୋଜିତ ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା ପରିଚାଳନା କରିଥିବା ବେଳେ ଦଶପଲ୍ଲା ବ୍ଲକର ଭାରପ୍ରାପ୍ତ ବିଡିଓ ତଥା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ତଦାରଖ କରିଥିଲେ ।ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ ଯୋଗଦାନ କରି ଉଦ୍ଘାଟନ କରିଥିବାବେଳେ ସମ୍ମାନିତ ଅତିଥିଭାବେ କନ୍ଧମାଳ ସାସଂଦଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ଏନ ଏ ସି ପ୍ରତିନିଧି ଅଞ୍ଜନ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଶିବିରରେ ଯୋଗଦେଇ ସହେଯାଗ କରିବା ସହ ଶାନ୍ତିଶୃଙ୍ଖଳାରେ ପରିଚାଳନା ନିମିତ ସହଯୋଗ କରିଥିଲେ। ସେହିପରି ବ୍ଲକର ସମସ୍ତ ବିଭାଗ , ମହିଳା ଶିଶୁ ବିଭାଗ ତରଫରୁ ନିୟୋଜିତ କର୍ମଚାରୀ ଓ ରାଧାମୋହନ ଜୀୟୁ ନୋଡାଲ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡମାନେ ଶିବିର ପରିଚାଳନାରେ ସହେଯାଗ କରିଥିଲେ ।

## ହଟୁନି ଜବରଦଖଲ, ଜମୁଛି ଟ୍ରାଫିକ ସମସ୍ୟା



ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି, ଏହା ପଛରେ ପ୍ରମୁଖ କାରଣ ଜବରଦଖଲ, କେନାଲ ରାସ୍ତା ଠୁ ଆରମ୍ଭ କରି ବଜାର ରେ ଉଠା ବ୍ୟବସାୟୀ ଙ୍କ ଜବରଦଖଲ ଯାହାକୁ ଯେତେ, ଏନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେବା ପରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛି, ଗୋଟେ ପଟେ ପିର ଜାହାନିଆ ବାଲିଯାତ୍ରା ପାଇଁ ରାସ୍ତା ସମ୍ପୂର୍ଣ୍ଣ ଭିଡ଼, ଅନ୍ୟ ପଟେ ଉଠା ବ୍ୟବସାୟୀ ଙ୍କ ବ୍ୟବସ୍ଥା, ଅନ୍ୟ ପଟେ ରାସ୍ତା ଘାଟ ରେ ବେ ଆଇନ ପାର୍କିଂ ବ୍ୟବସ୍ଥା, ସ୍ଥାନୀୟ ପ୍ରଶାସନ ର ନିରବ ଦ୍ରଷ୍ଟା ପାଇଁ ଏହି ସବୁ ସମସ୍ୟା ସୃଷ୍ଟି ହେଉଛି କିନ୍ତୁ କମିବାରେ ନା ଧରୁନି, ଆମ୍ବୁଲାନ୍ସ, ଜରୁରୀ କାଳୀନ ବ୍ୟବସ୍ଥା ରେ ଯାତାୟାତ ଯାନ ବାହାନ ବି ଏହି ଭିଡ଼ ର ଶିକାର ହେଉଛନ୍ତି, ବଜାର ରେ ଏଭଳି ଭିଡ଼ ଫସି ଯାଉଥିବା ଲୋକ ହିଁ ଜାଣିଛନ୍ତି, ବୁଲା ଗୋରୁ ଗାଇ ନନ୍ଦୀ ମହାରାଜ ମାନଙ୍କୁ କୌଣସି ସୁରକ୍ଷା ନମିଳିବାରୁ ଏମାନେ ମଧ୍ୟ ରାସ୍ତା ଘାଟ ରେ ଧାରଣା ରେ ବସିଲା ଭଳି ଜଗି ବସୁଛନ୍ତି, ଏବେ ବୁଦ୍ଧିଜୀବୀ ମାନଙ୍କ ଭିତରେ ସନ୍ଦେହ ସୃଷ୍ଟି ହେଉଛି ଯେ ସ୍ଥାନୀୟ ପ୍ରଶାସନ କଣ ପାଇଁ ଜବର ଦଖଲ ଉଚ୍ଛେଦ କରୁନାହିଁ, କି ଯେଉଁ ବ୍ୟବସାୟୀ ମାନେ ରାସ୍ତା ଉପରେ ନିଜ ବ୍ୟବସାୟ କରୁଛନ୍ତି, ସେଠି ବେ ଆଇନ ପାର୍କିଂ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କ ପ୍ରତି ପ୍ରଶାସନ ର କାଇଁ ନିରବ ହୋଇଛି, ଏବେ ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହୋଇଛି ଆଗାମୀ ଦିନରେ ପ୍ରଶାସନ ଅନ୍ଧ ଧୃତରାଷ୍ଟ୍ର ପରି ଭୂମିକା ଗ୍ରହଣ କରିବ ତେବେ ଭବିଷ୍ୟତ ରେ ଏହି ସମସ୍ୟା ବୃଦ୍ଧି ହେବ ପଛେ କିନ୍ତୁ ଥମିବାର ନା ନେବେନାହିଁ ।

## ଆଦର୍ଶ ଗ୍ରାମରେ ନିମ୍ନମାନର କାମ ଅଭିଯୋଗ

କେନ୍ଦୁଝର,(ମହାଭାରତ):କେନ୍ଦୁଝର ସଦର ମହକୁମା ଠାରୁ ମାତ୍ର ୭ କି. ମି. ଦୂରରେ ଅବସ୍ଥିତ କେମ୍ପସଡା ଗ୍ରାମ। ଆଦିବାସୀ ଅଧ୍ୟୁଷିତ ଏହି ଗ୍ରାମକୁ ୮୦ ଦଶକରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆସି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଥିଲେ। ଏହି ଗ୍ରାମ ଖେଳ ପାଇଁ ସ୍ୱତନ୍ତ୍ର ପରିଚୟ ଅଛି। ଯାହାକୁ ନଜର ରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ଜିଲା ପ୍ରଶାସନ ଦ୍ୱାରା ଏକ ଖେଳ ପଡିଆ ମଂଜୁର କରାଯାଇଥିଲା ।ଏହାପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ରୁ ୪୦ ଲକ୍ଷ୍ ୪ ହଜାର ୮୧୮ ଟଙ୍କା ମଂଜୁର କରାଯାଇଥିଲା। ଯାହାର ଠିକା କାମ ସୁବ୍ରତ କୁମାର ସେଠି କରୁଥିବା ବେଳେ ଏହି କାର୍ଯ୍ୟ ୨୨. ୨. ୨୦୨୪ ରେ ଆରମ୍ଭ ହୋଇ ୨୧.୬.୨୪ ରେ ସରିବା ର ସମୟ ସୀମା ଧାର୍ଯ୍ୟ ହୋଇଥିବାବେଳେ ଆଜି ପର୍ଯ୍ୟନ୍ତ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଯେତିକି କାମ ହେଇଚି ନିମ୍ନମାନର କାମ ହୋଇଥିବା ହେତୁ ଅନେକ ସ୍ଥାନ ରେ ପେବର ବ୍ଲକ ଦବିଗଲାଣି, ପାଚେରୀ କାମ ଆହୁରି ଅନେକ ବାକି ଅଛି ।ଯାହା ଫଳରେ ଏହି ପଡିଆ ଖେଳ ଉପଯୋଗୀ ହୋଇ ପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏହି ପଡିଆ ପାଇଁ ୩୬ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଠିକାଦାର ନେଇ ସାରି ଥିବା ବେଳେ ଅବଧି ର ବର୍ଷେ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ ଏହି ଖେଳ ପଡିଆ। ତା ଉପରେ ସ୍ଥାନୀୟ ଲୋକ ଙ୍କୁ କାମରେ ନିୟୋଜନ କରିଥିଲେ ମଧ୍ୟ ତାଙ୍କର ମଜୁରୀ ପାଇନଥିବା ଅଭିଯୋଗ ହୋଇଛି। ଏହା ବାବଦରେ ତଦାରଖ ଦାୟିତ୍ୱ ରେ କନିଷ୍ଠ ଯନ୍ତ୍ରୀ ଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନଉଠାଇନଥିଲେ। ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ ପୁରା ବିଲ ଠିକାଦାରକୁ ଦିଆ ଯାଇନାହିଁ ବୋଲି କହିଥିଲେ ଓ ସେ ନିଜେ ଯାଇ ତଦାରଖ କରିବେ ବୋଲି କହି କଥାକୁ ଟାଳି ଦେଇଛନ୍ତି।

# ଭାରତୀୟଙ୍କ ବିଦେଶ ଯିବା ସ୍ୱପ୍ନ ଭାଙ୍ଗିଲା: କାନାଡା ୭୪% ଭିସା ଆବେଦନକୁ ପ୍ରତ୍ୟାଖ୍ୟାନ କଲା

ଓଟଓ୍ୱା:କାନାଡାର କଠୋର ଭିସା ନୀତି ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ବଡ଼ ଆଘାତ ଦେଇଛି। କାନାଡା ସରକାର ସମ୍ପ୍ରତି ଆନ୍ତର୍ଜାତୀୟ ଛାତ୍ର ଭିସା ଉପରେ ଅନେକ କଟକଣା ଲାଗୁ କରିଛନ୍ତି। ଯାହା ଭାରତୀୟ ଯୁବବର୍ଗଙ୍କ ବିଦେଶ ଯାତ୍ରା କରିବାର ସ୍ୱପ୍ନକୁ ଭାଙ୍ଗି ଦେଇଛି। କାନାଡା ସରକାରଙ୍କ ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୦୨୫ରେ ଭାରତରୁ କରାଯାଇଥିବା ୭୪% ଷ୍ଟଡି ପରମିଟ୍ ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯାହା ଗତ ବର୍ଷ ସମାନ ମାସରେ ୩୨% ଥିଲା। ଏହା ଚଳିତ ବର୍ଷ ଭିସା ପ୍ରତ୍ୟାଖାନ ଠାରୁ ଦୁଇଗୁଣା ଅଧିକ।

କାନାଡା ସରକାରଙ୍କ ତଥ୍ୟ ଅନୁଯାୟୀ, ୨୪% ଚୀନ୍ ଆବେଦନକାରୀଙ୍କ ଭିସା ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଛି। ଏହା ବ୍ୟତୀତ, ସରକାର କାନାଡାରେ ରହୁଥିବା ଛାତ୍ରୀମାନଙ୍କର ଯାଞ୍ଚ୍ କରୁଛନ୍ତି। ଯାହାଦ୍ୱାରା ସେମାନଙ୍କୁ ତଦାରଖ କରାଯାଇପାରିବ ଏବଂ ଅପରାଧିକ କାର୍ଯ୍ୟକଳାପକୁ ରୋକାଯାଇ ପାରିବ।



କାନାଡା ପୂର୍ବରୁ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ପସନ୍ଦର ସ୍ଥାନ ଥିଲା। ତଥାପି, କାନାଡା ସରକାର ଭିସା ନିୟମ କଡ଼ାକଡ଼ି କରିବା ଯୋଗୁ ଏହି ପସନ୍ଦ ଏବେ ପରିବର୍ତ୍ତନ ହେଉଛି। କାନାଡା ସରକାର ଠକେଇ ରୋକିବା ଏବଂ ଅସ୍ଥାୟୀ ପ୍ରବାସକୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ପ୍ରୟାସ କରିଛନ୍ତି। କାନାଡା ଇମିଗ୍ରେସନ ବିଭାଗର ଏକ ରିପୋର୍ଟ ଅନୁଯାୟୀ, ୪୦ ପ୍ରତିଶତ ଷ୍ଟଡି ପରମିଟ୍ ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଛି।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କାନାଡାରେ ଚୀନ୍ ଆବେଦନକାରୀଙ୍କ ପାଇଁ ପ୍ରତ୍ୟାଖ୍ୟାନ ହାର ଆଶ୍ଚର୍ଯ୍ୟଜନକ ଭାବରେ କମ୍ ହେବାରେ ଲାଗିଛି। ଫଳସ୍ୱରୂପ, ଭାରତୀୟମାନେ କାନାଡା ଯିବା ପାଇଁ ଆଉ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଅଗଷ୍ଟ ୨୦୨୩ ରେ ୨୦,୯୦୦ ଭାରତୀୟ ଆବେଦନକାରୀ ଆବେଦନ କରିଥିଲେ। ଏହ ସଂଖ୍ୟା ୨୦୨୫ରେ ୪,୫୧୫କୁ ହ୍ରାସ ପାଇଛି।

ବିଶେଷଜ୍ଞଙ୍କ ମତରେ, ୨୦୨୩ ମସିହାରେ, କାନାଡାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଜଣେ କାନାଡା ନାଗରିକଙ୍କ ହତ୍ୟାରେ ଭାରତର ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ଏହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା। ଭାରତ ସରକାର ଏହି ଅଭିଯୋଗଗୁଡ଼ିକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ। ଅଭିଯୋଗ ମଧ୍ୟରେ, କାନାଡା ୧,୫୫୦ ଜାଲିଆତି ଅଧ୍ୟୟନ ଭିସା ଆବେଦନର ପର୍ଦ୍ଦାଫାସ କରିଥିଲା। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଭାରତୀୟଙ୍କର ଥିଲା।

# ପାକିସ୍ତାନ ସୁପ୍ରିମକୋର୍ଟରେ ସିଲିଣ୍ଡର ବିସ୍ଫୋରଣ, ୪ ଆହତ




ପାକିସ୍ତାନ : ପାକିସ୍ତାନ ସୁପ୍ରିମକୋର୍ଟରେ ବିସ୍ଫୋରଣ । ବେସମେଣ୍ଟରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବାକୁ ଯୋଗୁଁ ୪ ଜଣ ଆହତ ହୋଇଛନ୍ତି । ବିସ୍ଫୋରଣ ବିଲିଡିଂରେ ସେଣ୍ଟ୍ରାଲ ଏସି ସିଷ୍ଟମ ମରାମି କାମ ସମୟରେ ହୋଇଥିବା ଜଣାପଡିଛି । ବିସ୍ଫୋରଣ ପରେ ବିଲିଡିଂରେ ଆତଙ୍କ ଦେଖାଦେଇଛି । ସମସ୍ତେରେ ଜୀବନ ବିକଳରେ ଚାରିଆଡେ ଦୌଡିଛନ୍ତି । ବିସ୍ଫୋରଣ ଶବ୍ଦ ଶୁଣିବା ପରେ ଓକିଲ, ଜଜ୍ ଏବଂ ଷ୍ଟାଫ, ଅନ୍ୟ କର୍ମଚାରୀ କୋର୍ଟ ପରିସର ବାହାରକୁ ଦୌଡିଥିଲେ । ବିସ୍ଫୋରଣ ପରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ଘଟଣା ପରେ ରେସକ୍ୟୁ ଟିମ୍ ଏବଂ ସୁରକ୍ଷାକର୍ମୀ ପହଞ୍ଚିଛନ୍ତି । ଆହତ କର୍ମଚାରୀ ଏବଂ ଏସି ପ୍ଲାଣ୍ଟ ପାଖରେ କାମ ହେଉଥିଲା । ଯେଉଁମାନେ ଆହତ ହୋଇଛନ୍ତି, ସେମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ବେସମେଣ୍ଟରେ ଥିବା କ୍ୟାଫେଟେରିଆ କେବଳ ସୁପ୍ରିମକୋର୍ଟର କର୍ମଚାରୀଙ୍କ ପାଇଁ ଚାଲୁଛି । ସେଠାରେ ହିଁ ବିସ୍ଫୋରଣ ଘଟିଛି । ବିସ୍ଫୋରଣ ଯୋଗୁଁ କ୍ୟାଣ୍ଟିନରେ ଥିବା ଫର୍ନିଚର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମ୍ବନ୍ଧୀୟ ଅଧିକାର ଯାଞ୍ଚ ଆରମ୍ଭ କରିଛନ୍ତି । ତେବେ ପୂର୍ବରୁ ଏମିତି ବିସ୍ଫୋରଣ ହୋଇସାରିଛି । ଯେଉଁଥିରେ ଲୋକଙ୍କ ଜୀବନ ଚାଲିଯାଇଛି । ଏହାର ମୁଖ୍ୟ କାରଣ ଖରାପ କ୍ୱାଲିଟିର ଗ୍ୟାସ ସିଲିଣ୍ଡର ବ୍ୟବହାର ବୋଲି ଜଣାପଡିଛି ।

## ବସ୍ ଟ୍ରକ ମୁହାଁମୁହିଁ ଧକ୍କା, ୧୬ ମୃତ

ତେଲଙ୍ଗାନା : ତେଲଙ୍ଗାନାର ରଙ୍ଗାରେଡ୍ଡୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବସ୍ ଟ୍ରକ୍ ମୁହାଁମୁହିଁ ଧକ୍କାରେ ୧୬ ମୃତ ଓ ୧୦ ଆହତ ହୋଇଛନ୍ତି । ରଙ୍ଗାରେଡ୍ଡୀ ଜିଲ୍ଲା ମିର୍ଜାଗୁଡ଼ା ନିକଟରେ ବସ୍ ଟ୍ରକ ଧକ୍କା ହୋଇଥିବା ଜଣାପଡିଛି । ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ତେବେ ଦୁର୍ଘଟଣା ଚେଓ୍ୱେଲ୍ଲା ମଣ୍ଡଳ ଖାନପୁର ଗେଟ୍ ନିକଟରେ ହୋଇଛି । ଏକ ଦ୍ରୁତ ଗତିରେ ଟ୍ରକ ସାଇଡରୁ ଆସି ଟିଜିଆରଟିସି ଯାତ୍ରୀବାହୀ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଯାତ୍ରୀଙ୍କ ଘଟଣା ସ୍ଥଳରେ ଜୀବନ ଚାଲିଯାଇଛି, ଅନ୍ୟ ଯାତ୍ରୀ ଗୁରୁତର ରହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆରଟିସି ବସ୍ ?ଟି ତନ୍ଦୁରରୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରୁଥିଲା ଏବଂ ଏଥିରେ ପ୍ରାୟ ୭୦ ଜଣ ଯାତ୍ରୀ ଥିଲେ। ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ପିଲା ଏବଂ ଅଫିସ ଯାଉଥିବା ଲୋକ ଥିଲେ ।

# ଦିଲ୍ଲୀରୁ ବେଙ୍ଗାଲୁରୁ ଯାଉଥିବା ଏୟାର ଇଣ୍ଡିଆ ବିମାନ ଭୋପାଳରେ ଜରୁରୀ ଅବତରଣ

ଭୋପାଳ: ଏୟାର ଇଣ୍ଡିଆରେ ଯାନ୍ତ୍ରିକ ତ୍ରୁଟି । ଏୟାର ଇଣ୍ଡିଆ ଫ୍ଲାଇଟର ଜରୁରୀକାଳୀନ ଅବତରଣ । ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନୂଆଦିଲ୍ଲୀରୁ ବେଙ୍ଗାଲୁରୁ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ଭୋପାଳରେ ଜରୁରୀକାଳୀନ ଅବତରଣ କରାଯାଇଥିଲା । ସେହିଭଳି ସାନ ଫ୍ରାନ୍ସିସ୍କୋରୁ ଦିଲ୍ଲୀ ଆସୁଥିବା ଅନ୍ୟ ଏକ ବିମାନକୁ ମଙ୍ଗୋଲିଆ ଉଲାନବାତାରକୁ ଡାଇଭର୍ଟ କରାଯାଇଥିଲା । ଖବର ମୁତାବକ, ଗତକାଲି ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସନ୍ଧ୍ୟା ୬:୩୧ ସମୟରେ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଉଡ଼ାଣ ଭରୁଥିବା ବିମାନ ଇଓ ୨୪୮୭ରେ ବିମାନରେ ମଝି ଆକାଶରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଯାହା ଫଳରେ ବିମାନଟିକୁ ଭୋପାଳର ରାଜା



ଭୋଜ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଥିଲା । ବିମାନର ଥିବା ସମସ୍ତ ୧୭୨ ଜଣ ଯାତ୍ରୀ ସୁରକ୍ଷିତ ଓହ୍ଲାଇ ଦିଆଯାଇଥିଲା । ଏୟାରଲାଇନ୍ସର ପ୍ରବକ୍ତା କହିଛନ୍ତି, ଯାଞ୍ଚ ଚାଲିଛି । ଆମକୁ ସମୟ ଲାଗିବ । ଯାତ୍ରୀଙ୍କୁ ଖାଇବା ପିଇବା ଦିଆଯାଇ ଅନ୍ୟ ଏକ ବିମାନ ବ୍ୟବସ୍ଥା କରାଯାଇଥିଲା । ଯାତ୍ରୀଙ୍କ ଅସୁବିଧା ପାଇଁ ଆମେ ଦୁଃଖିତ । ସେହିଭଳି ସାନ ଫ୍ରାନ୍ସିସ୍କୋରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନର ଯାନ୍ତ୍ରିକ ତ୍ରୁଟି ଆସିବାରୁ ବିମାନକୁ ମଙ୍ଗୋଲିଆର ରାଜଧାନୀ ଉଲାନବାତାରରେ ଅବତରଣ କରାଯାଇଥିଲା । ବିମାନଟି ଅବତରଣ କରିବା ପରେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା । ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ବିମାନରେ ଦିଲ୍ଲୀ ପଠାଯାଇଥିଲା ।

# ସଡ଼କ ଦୁର୍ଘଟଣା, ଟ୍ରକ-କାର ଧକ୍କା, ୬ ମୃତ

ବାରବାଙ୍କୀ : ଉତ୍ତରପ୍ରଦେଶ ବାରବାଙ୍କୀ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ଟ୍ରକ ଦ୍ରୁତଗତିରେ ଆସି ଏକ କାରକୁ ଧକ୍କା ଦେବାରୁ ୬ ଜଣଙ୍କର ମୃତ୍ୟୁ ହୋଇଛି । ଘଟଣାରେ ୨ ଜଣ ଆହତ ହୋଇଛନ୍ତି । ସେମାନଙ୍କ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ବାରବାଙ୍କୀର ଦେବା ଥାନା ଅଞ୍ଚଳରେ କୁତଲପୁର କଲ୍ୟାଣୀ ନଦୀ ପୋଲ ନିକଟରେ ହୋଇଛି । ଏଠାରେ ଏକ ଟ୍ରକଦ୍ରୁତଗତିରେ ଆସି ଏକ କାରକୁ ଧକ୍କା ଦେଇଥିଲା । କାରଟି ବାରବାଙ୍କୀରୁ ଫତେହପୁର ଆଡ଼କୁ ଯାଉଥିଲା । ସେତେବେଳେ ଏକ ଟ୍ରକ କାରକୁ ଧକ୍କା ଦେଇଥିଲା । ଧକ୍କା ହେବା ପରେ କାରର



ଉପର ଉଡ଼ିଯାଇଥିଲା । ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉଦ୍ଧାର ଜାରି ରଖିଛି । ଜିଲ୍ଲାପାଳ ଶଶାଙ୍କ ତ୍ରିପାଠୀ, ଏସପି ଅର୍ପିତ ବିଜୟବର୍ଗୀୟ ପହଞ୍ଚିଛନ୍ତି । ହସପିଟାଲରେ ଆହତଙ୍କୁ ଯାଇ ସାକ୍ଷାତ କରିଛନ୍ତି ।

# ବିଶ୍ୱର ସବୁଠାରୁ ଋଣଗ୍ରସ୍ତ ଦେଶ

ନୂଆଦିଲ୍ଲୀ : ବିଶ୍ୱର ଦେଶଗୁଡ଼ିକ ଦିନକୁ ଦିନ ଅଧିକ ଋଣଗ୍ରସ୍ତ ହୋଇଯାଉଛନ୍ତି । ଅକ୍ଟୋବର ମାସ ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଓଗର) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ବିଶ୍ୱର ଜିଡିପି ଅଭିବୃଦ୍ଧି ଧୀମା ହେଉଥିବାବଳେ ଋଣ ବଢିଚାଲିଛି । ୨୦୨୫ରେ ବିଶ୍ୱର ଜିଡିପି-ଋଣ ଅନୁପାତ ୯୪.୭ ପ୍ରତିଶତରେ ପହଞ୍ଚିଛି ଯାହାକି ବର୍ଷକ ପୂର୍ବେ ୯୨.୪ ପ୍ରତିଶତ ଥିଲା । ଋଣ ଏପରି ବଢିଚାଲିଲେ ୨୦୩୦ ସୁଦ୍ଧା ତାହା ୧୦୨ ପ୍ରତିଶତରେ ପହଞ୍ଚିବାର ଆଶଙ୍କା ରହିଛି ବୋଲି ଆଇଏମଏଫ ପୂର୍ବାନୁମାନ କରିଛି । ତେବେ ବିଶ୍ୱର ସବୁଠାରୁ ଋଣଗ୍ରସ୍ତ ଦେଶ କିଏ ? ଆଇଏମଏଫ ଯେଉଁ ତାଲିକା ପ୍ରକାଶ କରିଛି ତାହାକୁ ଦେଖିଲେ ଆପଣମାନେ ଚମକି ପଡ଼ିବେ । ବିଶ୍ୱର ସବୁଠାରୁ ଋଣଗ୍ରସ୍ତ ଦେଶ ହେଉଛି ଜାପାନ । ଜାପାନର ଋଣ ତାହାର ଜିଡିପିର ୨୨୯.୬ ପ୍ରତିଶତ ରହିଛି । ଅର୍ଥାତ୍ ଜାପାନର ମୋଟ ଘରୋଇ ଉତ୍ପାଦର ଦୁଇଗୁଣ ହୋଇଯାଇଛି ଋଣ । ଜାପାନର ଧୀମା ହେଉଥିବା ଅର୍ଥନୀତି ଓ ବୟସ୍କ ଜନସଂଖ୍ୟା ଏହି ସମସ୍ୟାକୁ ଉତ୍କଟ କରିଛି । ୨ୟ ସ୍ଥାନରେ ରହିଛି ଆଫ୍ରିକୀୟ ଦେଶ ସୁଦାନ ଯାହାର ଜିଡିପି-ଋଣ ଅନୁପାତ ୨୨୧ ପ୍ରତିଶତ ରହିଛି । ସେହିପରି ୩ୟ ସ୍ଥାନରେ ସିଂଗାପୁର ରହିଛି, ଯାହାର ଜିଡିପି-ଋଣ ଅନୁପାତ ୧୭୫.୬ ପ୍ରତିଶତ ରହିଛି । ଚତୁର୍ଥ, ପଂଚମ, ୬ଷ୍ଠ ଓ ୭ମ ସ୍ଥାନରେ ଅଛନ୍ତି ଗ୍ରୀସ, ବାହରିନ, ଇଟାଲି ଓ ମାଳଦ୍ୱୀପ । ୮ମ ସ୍ଥାନରେ ରହିଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ୧ ନମ୍ବର ଅର୍ଥନୀତି ଆମେରିକା । ଏହାର ଜିଡିପି-ଋଣ ଅନୁପାତ ୧୨୫ ପ୍ରତିଶତ ରହିଛି । ସେହିପରି ଚୀନର ସ୍ଥାନ ୨୧ ନମ୍ବରରେ ରହିଛି ଯାହାର ଜିଡିପି-ଋଣ ଅନୁପାତ ୯୬.୩ ପ୍ରତିଶତ ରହିଛି । ଏଠାରେ ପ୍ରଶ୍ନ ଉଠେ ଭାରତର ସ୍ଥାନ କେଉଁଠି ରହିଛି ? ୮୧.୪ ପ୍ରତିଶତ ଜିଡିପି-ଋଣ ଅନୁପାତ ସହ ଭାରତ ଏହି ତାଲିକାର ୩୫ତମ ସ୍ଥାନରେ ଅଛି । ଅର୍ଥାତ ଭାରତର ଜିଡିପି-ଋଣ ଅନୁପାତ ବିଶ୍ୱର ହାରାହାରି ଅନୁପାତ (୯୪.୭ ପ୍ରତିଶତ) ଠାରୁ କମ ରହିଛି, ଯାହାକି ଏକ ଆଶ୍ୱସ୍ତିର ବିଷୟ ।


# ୪୦ରୁ ଅଧିକ ଗାଡ଼ି ଉପରେ ମାଡ଼ିଗଲା ଅନିୟନ୍ତ୍ରିତ ଡମ୍ଫର, ୧୧ ମୃତ

ଜୟପୁର : ରାଜସ୍ଥାନ ଯୋଧପୁର ପରେ ଜୟପୁରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଜୟପୁରର ହରମନ ଅଞ୍ଚଳରେ ଏକ ଅନିୟନ୍ତ୍ରିତ ଡମ୍ଫର ୩୦ରୁ ୪୦ ଗାଡି ଉପରେ ଚଢିଯାଇଛି । ଫଳରେ ୧୧ ଜଣଙ୍କ ଜୀବନ ଚାଲିଯାଇଛି । ଆଗକୁ ଏହି ସଂଖ୍ୟା ବଢିପାରେ । ତେବେ ବ୍ରେକ ଫେଲ୍ ହୋଇଥିବାରୁ ଏଭଳି ଘଟଣା ଘଟିଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବ୍ରେକ ଫେଲ୍ ହେବା ପରେ ଡମ୍ଫର ୪୦ରୁ ଅଧିକ ଗାଡ଼ିକୁ ଧକ୍କା ଦେଇଥିଲା । ଫଳରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କ ଚିକିତ୍ସା ସ୍ଥାନୀୟ ହସପିଟାଲରେ ହେଉଛି । ଅନେକ ଆହତଙ୍କ ଅବସ୍ଥା ଗୁରୁତର ରହିଛି । ତେଣୁ ମୃତକଙ୍କ ସଂଖ୍ୟା ଆଗକୁ ବଢିପାରେ । ସ୍ଥାନୀୟ ପ୍ରଶାସନ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଯେଉଁସବୁ ଗାଡ଼ିକ ଡମ୍ଫର ଧକ୍କା ଦେଇଛି, ସେମାନଙ୍କ ମଧ୍ୟରେ ଅନେକ ଲୋକ ଚାପି ହୋଇଥିବା ଆଶଙ୍କା କରାଯାଉଛି । ପୋଲିସ ଏବଂ ରେସକ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି । ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି ।

ସୂଚନାଯୋଗ୍ୟ, ରାଜସ୍ଥାନର ଯୋଧପୁରରେ ସୁରସାଗର ଅଞ୍ଚଳରୁ ତୀର୍ଥଯାତ୍ରୀଙ୍କୁ ନେଇ ବିକାନେରର କୋଲାୟତ ଦର୍ଶନ ପାଇଁ ଯାଇଥିଲା । ଦର୍ଶନ ପରେ ଫେରିବା ବେଳେ ମତୋଡା ଅଞ୍ଚଳରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା । ଫଳରେ ୧୫ ଜଣଙ୍କ ଜୀବନ ଚାଲିଯାଇଛି । ବସ୍ ରାସ୍ତାକଡ଼ରେ ଠିଆହୋଇ ଥିବା ଏକ ଟ୍ରେଲରରେ ଯାଇ ଧକ୍କା ହୋଇଥିଲା ।

# ଫିଲିପାଇନ୍ସକୁ ହିଟ୍ କଲା ଟାଇଫୁନ କାଲମାଏଗି

ନୂଆଦିଲ୍ଲୀ: ଫିଲିପାଇନ୍ସକୁ ହିଟ୍ କଲା ଟାଇଫୁନ କାଲମାଏଗି । ସିଲାଗୋରେ ଲ୍ୟାଣ୍ଡଫଲ ପରେ କେନ୍ଦ୍ରୀୟ ଫିଲିପାଇନ୍ସରେ ତାଣ୍ଡବ ରଚିଛି ଟାଇଫୁନ କାଲମାଏଗି । ସୋମବାର ମଧ୍ୟ ରାତ୍ରିରେ ବାତ୍ୟା ଲ୍ୟାଣ୍ଡଫଲ କରିଥିବା ବେଳେ, ୧୫୫ କିମି ବେଗରେ ବହିଥିଲା ପବନ । ସେହିପରି ଝଟକା ପବନ ୧୯୦ କିମି ଯାଏ ବହିଥିଲା । ବିଶେଷ କରି ଫିଲିପାଇନ୍ସର ଲେଟେ ଓ ସମର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି ସାମୁଦ୍ରିକ ଝଡ଼ । ବହୁ ଘରଦ୍ୱାର ଭାଙ୍ଗିଥିବା ବେଳେ, ବଡ ବଡ଼ ଗଛ, ଇଲେକ୍ଟ୍ରି ପୋଲ ମାଟିରେ ମିଶିଛି । ଉପକୂଳବର୍ତ୍ତୀ ସେବୁ ଓ ନେଗ୍ରୋସରେ ୩ ମିଟର ଉଚ୍ଚର ଜୁଆର ଆସିଥିବା ସୂଚନା ମିଳିଛି । ଏପଟେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ଭିସାୟସ ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିବା ବେଳେ, ରାସ୍ତା ଘାଟ ବନ୍ଦ ହୋଇଯାଇଛି । ବିମାନ ଉଡ଼ାଣ ବାତିଲ କରାଯାଇଥିବାରୁ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି ଲ୍ୟାଣ୍ଡଫଲ ପରେ ଟାଇଫୁନ କାଲମାଏଗି ସୁଲୁ ସାଗର ଉପରେ ଥିବାବେଳେ ଧୀରେ ଧୀରେ ଦୁର୍ବଳ ହେଉଛି ।



# ଆଫଗାନିସ୍ତାନରେ ୬.୩ ତୀବ୍ରତାର ଭୂକମ୍ପ, ୨୦ରୁ ଅଧିକ ମୃତ୍ୟୁ, ୧୫୦ ଆହତ

ଆଫଗାନିସ୍ତାନ : ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ଝଟକା । ଭୂକମ୍ପର ତୀବ୍ରତା ୬.୩ ରହିଥିଲା । ଏହି ଭୂକମ୍ପରେ ଏପର୍ଯ୍ୟନ୍ତ ୨୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୦ ଜଣ ଆହତ ହୋଇଛନ୍ତି । ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନର ଖୁଲମରୁ ୨୨ କିଲୋମିଟର ପଶ୍ଚିମ-ଦକ୍ଷିଣ ପଶ୍ଚିମରେ ୨୮ କିଲୋମିଟର ଗଭୀରତାରେ ଅବସ୍ଥିତ ଥିଲା ।

ସ୍ୱାସ୍ଥ୍ୟ ବିଭାଗର ପ୍ରବକ୍ତା ସମୀମ ଜୋୟନ୍ଦା କହିଛନ୍ତି, ଆଜି ସକାଳ ସମୟରେ ୨୦ ଜଣଙ୍କ ମୃତ୍ୟୁ ଖବର ମିଳିଥିଲା । ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଟଝଏଝ ଅନୁଯାୟୀ, ସୋମବାର ସ୍ଥାନୀୟ ସମୟ ୧୨.୫୯ ମିନିଟରେ ଭୂମିକମ୍ପ ହୋଇଥିଲା । ଏହି ସମୟରେ ଅଧିକାଂଶ ଲୋକ ଶୋଇଥିଲେ । ଯେତେବେଳେ ହଠାତ୍ ଭୂମିକମ୍ପ ହୋଇଥିଲା ସେମାନେ ହଠାତ୍ ଭୟଭୀତ ହୋଇଯାଇଥିଲେ । ଘର ବାହାରୁକୁ ଆସିଯାଇଥିଲେ । ସୂଚନାଯୋଗ୍ୟ, ୩୧ ଅଗଷ୍ଟ ୨୦୨୫ରେ, ପାକିସ୍ତାନ ସୀମା ନିକଟର ପୂର୍ବ ଆଫଗାନିସ୍ତାନରେ ୬.୦ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା । ଯେଉଁଥିରେ ୨,୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା । ୨୨ ଅକ୍ଟୋବରରେ ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଏକ ଭୂମିକମ୍ପ ହୋଇଥିଲା । ୟୁରୋପୀୟ ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ୫.୧ ତୀବ୍ରତାର ସୂଚନା ଦେଇଛି ।

# ଧଳା ସୁନାର ଚାହିଦା ବଢୁଛି:ହଳଦିଆ ସୁନା ପଛରେ ପଡ଼ିଲା

ନୂଆଦିଲ୍ଲୀ: ଧଳା ସୁନା ଏବଂ ହଳଦିଆ ସୁନା ମୁଖ୍ୟତଃ ଅଲଙ୍କାରରେ ବ୍ୟବହୃତ ଦୁଇଟି ଲୋକପ୍ରିୟ ପ୍ରକାରର ସୁନା। ଯଦିଓ ଉଭୟରେ ସୁନା ଥାଏ, କିନ୍ତୁ ଦେଖିବା, ଗଠନ, ମୂଲ୍ୟ ଏବଂ ରକ୍ଷଣାବେକ୍ଷଣ ଦୃଷ୍ଟିରୁ ଭିନ୍ନ ହୋଇଥାଏ। ଧଳା ସୁନା ହେଉଛି ପାଲାଡିୟମ୍, ନିକେଲ କିମ୍ବା ରୁପା ଭଳି ଧଳା ଧାତୁ ସହିତ ମିଶ୍ରିତ ସୁନା। ଏହାକୁ ଏକ ଉଜ୍ଜ୍ୱଳ, ଚମକଦାର, ରୂପା ରୂପା ରୂପା ଦେବା ପାଇଁ ସାଧାରଣତଃ ଏଥିରେ ଏକ ରୋଡିୟମ୍ ପ୍ଲେଟିଂ ଥାଏ। ଫଳରେ ଏହା ଶୁଦ୍ଧ ସୁନା ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଅଧିକ ସ୍କ୍ରାଚ୍-ପ୍ରତିରୋଧୀ ହୋଇଥାଏ।




ହଳଦିଆ ସୁନା ହେଉଛି ତମ୍ବା ଏବଂ ଦସ୍ତା ପରି ଧାତୁ ସହିତ ମିଶ୍ରିତ ଶୁଦ୍ଧ ସୁନାର ପ୍ରାକୃତିକ ରଙ୍ଗ। ଏହାର ଏକ ସ୍ୱର୍ଣ୍ଣିମ-ହଳଦିଆ ରଙ୍ଗ ରହିଥାଏ। ଏହାର ପାରମ୍ପରିକ ଅଲଙ୍କାର ବିଶେଷକରି ଭାରତ ଏବଂ ମଧ୍ୟପ୍ରାଚ୍ୟରେ ପସନ୍ଦ କରାଯାଇଥାଏ।

ଧଳା ଏବଂ ହଳଦିଆ ସୁନା ଉଭୟ ୨୪କ, ୨୨କ, ୧୮କ ଏବଂ ୧୪କ ଭଳି କ୍ୟାରେଟରେ ମିଳିଥାଏ। କ୍ୟାରେଟ୍ ସୁନାର ଶୁଦ୍ଧତା ଦର୍ଶାଏ। ୨୪କ ହେଉଛି ଶୁଦ୍ଧ ସୁନା। ସମାନ କ୍ୟାରେଟ୍?ର ଧଳା ଏବଂ ହଳଦିଆ ସୁନାରେ ସମାନ ସୁନା ପରିମାଣ ଥାଏ କିନ୍ତୁ ମିଶ୍ରଧାତୁ ଧାତୁରେ ପୃଥକ ରହିଥାଏ।

ମିଶ୍ରଧାତୁ ଏବଂ ରୋଡିୟମ୍ ଆବରଣରେ ବ୍ୟବହୃତ ମହଙ୍ଗା ଧାତୁ ଏବଂ ପୁନଃ ପ୍ଲେଟିଂ ଭଳି ରକ୍ଷଣାବେକ୍ଷଣ ଯୋଗୁ ଧଳା ସୁନାର ମୂଲ୍ୟ ପ୍ରାୟତଃ ୧୦-୧୫ ପ୍ରତିଶତ ଅଧିକ ହୋଇଥାଏ। ହଳଦିଆ ସୁନା ସାଧାରଣତଃ କମ୍ ମହଙ୍ଗା ଏବଂ ଏହାର ରକ୍ଷଣାବେକ୍ଷଣ କରିବା ପାଇଁ କମ୍ ଆବଶ୍ୟତା ହୋଇଥାଏ।

ଧଳା ସୁନା ଆଧୁନିକ ଏବଂ ଉଜ୍ଜଳ ଅଲଙ୍କାର ପାଇଁ ଲୋକପ୍ରିୟ। ପ୍ରାୟତଃ ନିର୍ବନ୍ଧ ମୁଦି ପାଇଁ ଏହା ଚୟନ କରାଯାଇଥାଏ। ଧଳା ସୁନାର ଉଜ୍ଜ୍ୱଳତା ବଜାୟ ରଖିବା ପାଇଁ ପ୍ରତି ୧-୩ ବର୍ଷରେ ରୋଡିୟମ୍ ପୁନଃପ୍ଲେଟିଂ ଆବଶ୍ୟକ ହୋଇଥାଏ। ହଳଦିଆ ସୁନା ମଳିନ ହୋଇପାରେ କିନ୍ତୁ ଏହାର ରଙ୍ଗ ବଜାୟ ରଖିବା ସହଜ। ଧଳା ସୁନା ହଳଦିଆ ସୁନା ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ସ୍କ୍ରାଚ୍ ପ୍ରତିରୋଧୀ।

ଚୀନ୍, ରୁଷିଆ, ଅଷ୍ଟ୍ରେଲିଆ, କାନାଡା ଏବଂ ଆମେରିକା ଧଳା ସୁନା ଉତ୍ପାଦନରେ ଆଗୁଆ ରହିଛନ୍ତି। ସେମାନଙ୍କର ବିଶୋଧନ ପ୍ରକ୍ରିୟାଗୁଡ଼ିକ ବିଶ୍ୱବ୍ୟାପୀ ଅଳଙ୍କାର ଏବଂ ଶିଳ୍ପରେ ବ୍ୟବହୃତ ସ୍ଥାୟୀ, ସୁନ୍ଦର ମିଶ୍ରଧାତୁ ସୃଷ୍ଟି କରିଥାଏ।

ପାଲାଡିୟମ୍, ନିକେଲ କିମ୍ବା ରୁପା ପରି ଧାତୁ ସହିତ ଶୁଦ୍ଧ ସୁନା ମିଶ୍ରଣ କରି ଧଳା ସୁନା ତିଆରି କରାଯାଇଥାଏ। ଏହି ମିଶ୍ରଧାତୁ ଧଳା ସୁନାକୁ ଏହାର ଉଜ୍ଜ୍ୱଳ ରୂପା ଚମକ ପ୍ରଦାନ କରେ। ଏହା ଅଲଙ୍କାର ପାଇଁ ଲୋକପ୍ରିୟ କାରଣ ଏହା ପ୍ଲାଟିନମ୍ ପରି ଦେଖାଯାଏ କିନ୍ତୁ ଅଧିକ ସୁଲଭ ଏବଂ ସ୍ଥାୟୀ। ଧଳା ସୁନା ଉତ୍ପାଦନ ପାଇଁ ଶୁଦ୍ଧତା ଏବଂ ଶକ୍ତିକୁ ଉଚ୍ଚ ରଖିବା ପାଇଁ ଗୁଣାତ୍ମକ ବିଶୋଧନ ଏବଂ ସଠିକ୍ ମିଶ୍ରଧାତୁ କୌଶଳ ଆବଶ୍ୟକ।

୨୦୨୫ ମସିହାରେ ଚୀନ୍ ପ୍ରାୟ ୩୮୦ ମେଟ୍ରିକ୍ ଟନ୍ ଧଳା ସୁନା ଉତ୍ପାଦନ ସହିତ ବିଶ୍ୱରେ ସର୍ବୋତ୍ତମ ସୁନା ଉତ୍ପାଦନ କରିଥାଏ। ଶାଣ୍ଡୋଙ୍ଗ୍ ଏବଂ ମଙ୍ଗୋଲିଆ ଭଳି ପ୍ରମୁଖ ଖଣି ରାଜ୍ୟଗୁଡ଼ିକ ସୁନା ଖଣି ଏବଂ ବିଶୋଧନ ଉପରେ ଧ୍ୟାନ ଦିଅନ୍ତି। ଯାହାକୁ ପରେ ବିଶ୍ୱବ୍ୟାପୀ ଅଳଙ୍କାର ଏବଂ ଶିଳ୍ପ ବ୍ୟବହାର ପାଇଁ ଧଳା ସୁନା ମିଶ୍ରଧାତୁ ତିଆରି କରିବା ପାଇଁ ମିଶ୍ରିତ କରାଯାଇଥାଏ।

ରୁଷିଆ ବାର୍ଷିକ ପ୍ରାୟ ୩୨୦ ମେଟ୍ରିକ୍ ଟନ୍ ଧଳା ସୁନା ଉତ୍ପାଦନ କରେ। ରୁଷୀୟ ରିଫାଇନାରୀଗୁଡ଼ିକ ସୁନାକୁ ପାଲାଡିୟମ୍ ଏବଂ ଅନ୍ୟାନ୍ୟ ଧାତୁ ସହିତ ମିଶ୍ରଣ କରି ଦୃଢ଼ ଧଳା ସୁନା ମିଶ୍ରଧାତୁ ଉତ୍ପାଦନ କରିବାରେ ଉତ୍କୃଷ୍ଟ। ସାଇବେରିଆରେ ଖଣି ଏହି ଜିନିଷର ବହୁତ ଯୋଗାଣ କରେ। ଯାହା ରୁଷିଆକୁ ମୂଲ୍ୟବାନ ଧାତୁରେ ବିଶ୍ୱର ଏକ ଖେଳାଳି ଭାବରେ ରହିବାକୁ ସାହାଯ୍ୟ କରେ।

ଅଷ୍ଟ୍ରେଲିଆ ପ୍ରତିବର୍ଷ ପ୍ରାୟ ୩୧୦ ମେଟ୍ରିକ୍ ଟନ୍ ଧଳା ସୁନା ଉତ୍ପାଦନ କରିଥାଏ। ଏହା ସ୍ଥାୟୀ ଖଣି କାର୍ଯ୍ୟପଦ୍ଧତି ପାଇଁ ଜଣାଶୁଣା ଏବଂ ଉଚ୍ଚମାନର ଧଳା ସୁନା ସୃଷ୍ଟି କରିବା ପାଇଁ ଉନ୍ନତ ବିଶୋଧନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ। ଅଷ୍ଟ୍ରେଲିଆର ଧଳା ସୁନାର ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ଚାହିଦା ଅଛି।

ପ୍ରିମିୟମ୍ ସୁନା ଶୁଦ୍ଧତା ଉପରେ ଧ୍ୟାନ ଦେଇ କାନାଡା ବାର୍ଷିକ ପ୍ରାୟ ୨୦୦ ମେଟ୍ରିକ୍ ଟନ୍ ଧଳା ସୁନା ଉତ୍ପାଦନ କରିଥାଏ। କାନାଡିୟ ଉତ୍ପାଦକମାନେ ବିଳାସପୂର୍ଣ୍ଣ ଅଳଙ୍କାର ଲାଇନରେ ବ୍ୟବହୃତ ଧଳା ସୁନା ଉତ୍ପାଦନ କରିବା ପାଇଁ ସଫା ବିଶୋଧନ ପଦ୍ଧତି ବ୍ୟବହାର କରନ୍ତି। ଅଣ୍ଟାରିଓ ଭଳି ଖଣି ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ।

ଆମେରିକା ବାର୍ଷିକ ପ୍ରାୟ ୧୭୦ ମେଟ୍ରିକ୍ ଟନ୍ ଧଳା ସୁନା ଉତ୍ପାଦନ କରିଥାଏ। ପାଲାଡିୟମ୍ ମିଶ୍ରଧାତୁ ବ୍ୟବହାର କରି ହାଇପୋଲାର୍ଜେନିକ୍ ଧଳା ସୁନା ବିକଶିତ କରିବାରେ ଆମେରିକା ରିଫାଇନାରୀଗୁଡ଼ିକ ଅଗ୍ରଣୀ। ଏହା ନିକେଲ ଆଲର୍ଜି ଥିବା ଲୋକଙ୍କ ପାଇଁ ଉପଯୁକ୍ତ।

ଦକ୍ଷିଣ ଆଫ୍ରିକା ପ୍ରାୟ ୧୦୦ ମେଟ୍ରିକ୍ ଟନ୍ ଧଳା ସୁନା ଉତ୍ପାଦନ କରିଥାଏ। ଦକ୍ଷିଣ ଆଫ୍ରିକା ଧଳା ସୁନା ସମେତ ବିଭିନ୍ନ ମିଶ୍ରଧାତୁରେ ସୁନାକୁ ବିଶୋଧନ କରିଥାଏ।

ପେରୁ ବାର୍ଷିକ ପ୍ରାୟ ୧୩୦ ମେଟ୍ରିକ୍ ଟନ୍ ସୁନା ଉତ୍ପାଦନ କରେ। ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ନିବେଶ ଯୋଗୁ ଖଣି ଏବଂ ବିଶୋଧନରେ ଉନ୍ନତି ଆସିଛି, ଯାହା ଫଳରେ ପେରୁ ରପ୍ତାନି ପାଇଁ ଧଳା ସୁନା ଉତ୍ପାଦନ ବୃଦ୍ଧି କରିପାରିଛି।

ମେକ୍ସିକୋ ବାର୍ଷିକ ପ୍ରାୟ ୧୨୫ ମେଟ୍ରିକ୍ ଟନ୍ ଖଣି ଉତ୍ତୋଳନ କରେ। ଏହାର ବିସ୍ତାରିତ ବିଶୋଧନ କ୍ଷେତ୍ର ଘରୋଇ ବ୍ୟବହାର ଏବଂ ରପ୍ତାନି ବଜାର ଉଭୟ ପାଇଁ ଧଳା ସୁନା ମିଶ୍ରଧାତୁ ଉତ୍ପାଦନ କରିଥାଏ।

ଉଜବେକିସ୍ତାନ ପ୍ରାୟ ୧୨୦ ମେଟ୍ରିକ୍ ଟନ୍ ଧଳା ସୁନା ଉତ୍ପାଦନ କର। ମୁଖ୍ୟତଃ ମୁରୁଣ୍ଟାଉ ଭଳି ଖଣିରୁ। ଖଣି ଭିତ୍ତିଭୂମିରେ ବର୍ଦ୍ଧିତ ନିବେଶ ସହିତ, ଏହା ବିଶ୍ୱ ସ୍ତରରେ ଧଳା ସୁନା ବଜାରରେ ନିଜର ସ୍ଥିତି ସୁଦୃଢ଼ କରୁଛି।

# ଆଇସିସିର ବିଶ୍ୱକପ ଟିମ୍‌ରେ ନାହାନ୍ତି କୌର, ୩ ଭାରତୀୟ ସାମିଲ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ଦିନିକିଆ ମହିଳା ବିଶ୍ୱକପ ୨୦୨୫ ଶେଷ ହୋଇଛି। ଭାରତୀୟ ମହିଳା ଟିମ ଇତିହାସ ସୃଷ୍ଟି କରି ବିଶ୍ୱ ବିଜେତା ହୋଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପ୍ରଥମ ଥର ବିଶ୍ୱକପ ଜିତିବାର ସୌଭାଗ୍ୟ ହାସଲ କରିପାରିଛି। ବିଶ୍ୱକପ ଶେଷ ହେବା ପରେ ପୂରା ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଆଇସିସି ପକ୍ଷରୁ ଗୋଟିଏ ଟିମ ତିଆରି କରାଯାଇଛି।

କିନ୍ତୁ ଆଇସିସିର ମହିଳା ବିଶ୍ୱକପ ଟିମରେ ନାହାନ୍ତି ଭାରତର ଅଧିନାୟକ ହରମନପ୍ରୀତ କୌର। ତାଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ ଜିତିଥିଲେ ହେଁ ତାଙ୍କୁ ଶ୍ରେଷ୍ଠ ଏକାଦଶରେ ରଖି ନାହିଁ ଆଇସିସି। ତାଙ୍କ ବଦଳରେ ବିଶ୍ୱକପ ଟିମର ଅଧିନାୟକ ଦାୟିତ୍ୱ ଦକ୍ଷିଣ ଆଫ୍ରିକାର କ୍ୟାପ୍‌ଟେନ ଲୋରା ୱୁଲଭର୍ଟଙ୍କୁ ଦିଆଯାଇଛି।

ଭାରତ ଫାଇନାଲରେ ଲୋରାଙ୍କ ଦଳକୁ ୫୨ ରନରେ ହରାଇଥିଲା। କିନ୍ତୁ ଲୌରା ୪୨ ଓଭର ଯାଏ ଲଢ଼ିବା ସହ ଫାଇନାଲରେ ୧୦୧ ରନ ଇନିଂସ ଖେଳିଥିଲେ। ସେ ପୂରା ବିଶ୍ୱକପରେ ରେକର୍ଡ ୫୭୧ ରନ ମଧ୍ୟ କରିଛନ୍ତି। କୌଣସି ବିଶ୍ୱକପର ଗୋଟିଏ ସଂସ୍କରଣରେ କେହି ବି ଏତେ ରନ କରି ନଥିଲେ।



ଇଣ୍ଡିଆ ଗେଟ୍ ସମ୍ମୁଖରେ ବିଶ୍ୱକପ୍ ଟ୍ରଫି ସହ ଅଧିନାୟିକା ହରମନପ୍ରୀତ କୌର।

ଲୋରା ଏକାକୀ ନିଜ ଦଳ ଦକ୍ଷିଣ ଆଫ୍ରିକା ପାଇଁ ଲଢ଼ିଥିବାରୁ ତାଙ୍କୁ ଆଇସିସି ବିଶ୍ୱକପ ଟିମର ଅଧିନାୟକ କରିଛି। ଦଳରେ କୌର ନଥିଲେ ହେଁ ୩ ଜଣ ଭାରତୀୟ ସ୍ଥାନ ପାଇଛନ୍ତି।

ବିଶ୍ୱକପରେ ଭାରତ ପାଇଁ ସର୍ବାଧିକ ରନ ହାସଲ କରିଥିବା ସ୍ମୃତି ମନ୍ଧାନାଙ୍କ ସମେତ ଜେମିମା ରଡ୍ରିଗ୍ସ ଓ ଅଲରାଉଣ୍ଡର ଦୀପ୍ତି ଶର୍ମା ଆଇସିସି ଟିମରେ ରହିଛନ୍ତି। ଟିମରେ ୱୁଲଭର୍ଟଙ୍କ ସହ ମନ୍ଧାନା ଓପନର ଭାବେ ଚୟନ ହୋଇଛନ୍ତି। ଜେମିମାଙ୍କୁ ଆଇସିସି ବିଶ୍ୱକପ ଟିମର ୩ନଂ ସ୍ଥାନରେ ରଖିଛି। ବିଶ୍ୱକପରେ ଓଲଭର୍ଟ ୫୭୧ ରନ କରିଥିବା ବେଳେ ତାଙ୍କ ପଛକୁ ୪୩୪ ରନ ସହ ରହିଛନ୍ତି ଭାରତର ସ୍ମୃତି ମନ୍ଧାନା। ବିଶ୍ୱକପରେ ଦୀପ୍ତି ଶର୍ମା ଦମଦାର ପ୍ରଦର୍ଶନ କରିଥିଲେ। ସେ ବ୍ୟାଟିଂରେ ୨୧୫ ରନ କରିବା ସହ ବୋଲିଂରେ ୨୨ଟି ୱିକେଟ ଦଖଲ କରିଥିଲେ। ଏଥିପାଇଁ ତାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ମିଳିଥିଲା। ତେଣୁ ଆଇସିସି ତାଙ୍କୁ ଅଲରାଉଣ୍ଡର ଭାବେ ଦଳରେ ରଖିଛି।ଇଆନ ବିଶୋପ, ମେଲ ଜୋନ୍ସ, ଈଶା ଗୁହା, ଗୌରବ ସକ୍‌ସେନା(ଆଇସିସି ଜେନେରାଲ ମ୍ୟାନେଜର) ଓ ଇଷ୍ଟେଲ ବାଦୁଦେବନ(ସାମ୍ବାଦିକ)ଙ୍କୁ ନେଇ ଗଠିତ କମିଟି ମିଳିତ ଭାବେ ଖେଳାଳିଙ୍କ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଶ୍ରେଷ୍ଠ ବିଶ୍ୱକପ ଟିମ ଗଠନ କରିଛି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଟିମରେ ଭାରତ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଖେଳାଳିଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। କାରଣ ଏହି ୩ ଦଳରୁ ୯ ଜଣ ଖେଳାଳି ରହିଛନ୍ତି। ଦକ୍ଷିଣ ଆଫ୍ରିକାରୁ ୱୁଲଭର୍ଟଙ୍କ ବ୍ୟତୀତ ଅଭିଜ୍ଞ ଅଲରାଉଣ୍ଡର ମାରିଜାନ କାପ୍ପ ଓ ନନ୍ଦିନେ ଡି କ୍ଲର୍କ ବିଶ୍ୱକପ ଟିମରେ ରହିଛନ୍ତି। ଅଷ୍ଟ୍ରେଲିଆରୁ ଆଶଲେ ଗାର୍ଡନା, ଆନ୍ନାବେଲ ସଦରଲ୍ୟାଣ୍ଡ ଓ ଆଲାନ କିଙ୍ଗ ଆଇସିସି ଟିମରେ ସୁଯୋଗ ପାଇଛନ୍ତି। ସମସ୍ତଙ୍କୁ ଚକିତ କରି କମିଟି ପକ୍ଷରୁ ପାକିସ୍ତାନର ସିଦ୍ରା ନୱାଜଙ୍କୁ ଆଇସିସି ବିଶ୍ୱକପ ଟିମର ୱିକେଟ କିପର ଭାବେ ଚୟନ କରାଯାଇଛି।କମିଟି ପାଖରେ ରିଚା ଘୋଷ, ଏଲିସ ହେଲୀ ଓ ଏମି ଜୋନ୍ସଙ୍କ ଭଳି ବିକଳ୍ପ ରହିଥିଲା। ତଥାପି ସେମାନେ ବିଶ୍ୱକପରେ ଗୋଟିଏ ହେଲେ ବି ମ୍ୟାଚ୍ ଜିତି ନଥିବା ପାକିସ୍ତାନର ସିଦ୍ରା ନୱାଜଙ୍କୁ ଚୟନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।ଇଂଲଣ୍ଡର ଏକମାତ୍ର ଖେଳାଳି ଭାବେ ସୋଫି ଏସେଲଷ୍ଟୋନ ଶ୍ରେଷ୍ଠ ଏକାଦଶରେ ରହିଛନ୍ତି। ସେମି ଫାଇନାଲରୁ ବିଦାୟ ନେଇଥିବା ୪ ଥରର ବିଶ୍ୱ ବିଜେତା ଇଂଲଣ୍ଡର ଅଧିନାୟକ ନାଟ ସ୍କିଭର ବ୍ରଷ୍ଟଙ୍କୁ କମିଟି ପକ୍ଷରୁ ୧୨ ନମ୍ବର ଖେଳାଳି ଭାବେ ଚୟନ କରାଯାଇଛି।

ଆଇସିସିର ବିଶ୍ୱକପ ଟିମ: ଲୌରା ୱୁଲଭର୍ଟ(ଅଧିନାୟକ), ସ୍ମୃତି ମନ୍ଧାନା, ଜେମିମା ରଡ୍ରିଗ୍ସ, ମାରିଜାନ କାପ୍ପ, ଆଶଲେ ଗାର୍ଡନର, ଦୀପ୍ତି ଶର୍ମା, ଆନ୍ନାବେଲ ସଦରଲ୍ୟାଣ୍ଡ, ନାନ୍ଦିନ ଡି କ୍ଲାର୍କ, ସୋଫି ଏସେଲଷ୍ଟୋନ, ସିଦ୍ରା ନୱାଜ ଓ ଆଲାନ କିଙ୍ଗ।

ଦ୍ୱାଦଶ ଖେଳାଳି: ନାଟ ସ୍କିଭର ବ୍ରଷ୍ଟ(ଇଂଲଣ୍ଡ)।

# ଆଜି ମହିଳା ଦଳକୁ ଭେଟିବେ ମୋଦୀ

ନୂଆଦିଲ୍ଲୀ,୪।୧୧: ପ୍ରଥମ ଥର ବିଶ୍ୱକପ୍ ଜିତି ନାରୀଶକ୍ତିର ଅଭୂତପୂର୍ବ ପ୍ରମାଣ ଦେଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ବୁଧବାର ଭେଟିବେ ଏଥିଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବିସିସିଆଇକୁ ନିମନ୍ତ୍ରଣ ଯାଇଛି ମୁମ୍ବାଇରେ ଥିବା ଭାରତୀୟ ଦଳ ମଙ୍ଗଳବାର ସଂଧ୍ୟାରେ ଦିଲ୍ଲୀ ଯାଇ ବୁଧବାର ସକାଳେ ମୋଦୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।ବିହାରରେ ଏକ ନିର୍ବାଚନ ରାଲିରେ ଯୋଗଦେବା ଅବସରରେ ମୋଦୀ ମଧ୍ୟ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଭାରତର ଝିଅମାନେ ସମଗ୍ର ଦେଶକୁ ଗର୍ବିତ କରିଛନ୍ତି ଏହି ବିଜୟ କେବଳ କ୍ରିକେଟ୍ ପଡ଼ି। ଭିତରେ ସୀମିତ ନୁହେଁ, ଏହା ମଧ୍ୟ ଭାରତର ଝିଅଙ୍କ ବର୍ଦ୍ଧିତ ଆତ୍ମବିଶ୍ୱାସକୁ ଦର୍ଶାଉଛି। ଛୋଟ ଛୋଟ ସହର ଓ ମଧ୍ୟବିତ୍ତ ପରିବାରରୁ ଆସି ସେମାନେ ଆଜି ବିଶ୍ୱବିଜୟୀ ହୋଇଛନ୍ତି ।



# ହୀରା ହାର ଦେବେ ସୁରତ ବ୍ୟବସାୟୀ

ମୁମ୍ବାଇ,୪।୧୧: ସୁରତ ଭିତ୍ତିକ ବ୍ୟବସାୟୀ ତଥା ରାଜ୍ୟସଭା ସଦସ୍ୟ ଗୋବିନ୍ଦ ଢୋଲକିଆ ଭାରତୀୟ ମହିଳା ଦଳକୁ ହୀରା ଅଳଙ୍କାର ଏବଂ ସୋର ପ୍ୟାନେଲ୍ ଦେବା ପାଇଁ ଘୋଷଣା କରିଛନ୍ତି। ଢୋଲକିଆ ହେଉଛନ୍ତି ଶ୍ରୀ ରାମକୃଷ୍ଣ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ଫାଇନାଲ୍ ପୂର୍ବରୁ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ପତ୍ର ଲେଖି ଭାରତୀୟ ଦଳକୁ ସେ ହୀରା ଅଳଙ୍କାର ଉପହାର ଆକାରରେ ଦେବାକୁ ଇଚ୍ଛା ଜାହିର କରିଥିଲେ। ସେହିଭଳି ଖେଳାଳିଙ୍କ ଘର ଛାତ ଉପରେ ସୋର ପ୍ୟାନେଲ ଲଗାଇବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ବିସିସିଆଇ ତାଙ୍କର ଏହି ପ୍ରସ୍ତାବକୁ ଗ୍ରହଣ କରିଛି କି ନାହିଁ, ତାହା କିନ୍ତୁ ସ୍ପଷ୍ଟ ହୋଇନାହିଁ ।

# ପାକିସ୍ତାନକୁ ମିଳିଲା ମାତ୍ର ୪.୭ କୋଟି

ନୂଆଦିଲ୍ଲୀ,୪।୧୧: ଭାରତ ୨୦୨୫ ମହିଳା ଏକଦିବସୀୟ ବିଶ୍ୱକପରେ ଇତିହାସ ରଚିଥିଲା। ହରମନପ୍ରୀତ କୌରଙ୍କ ନେତୃତ୍ୱରେ, ଟିମ ଇଣ୍ଡିଆ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ପ୍ରଥମ ବିଶ୍ୱକପ ଟାଇଟଲ ଜିତିଥିଲା। ଏହି ବିଜୟ କେବଳ ଖେଳାଳିମାନଙ୍କ ମୁହଁରେ ହସ ଆଣିନଥିଲା, ବରଂ ବିସିସିଆଇ ଟିମ ଇଣ୍ଡିଆ ଉପରେ ବହୁମୂଲ୍ୟ ପୁରସ୍କାର ମଧ୍ୟ ବର୍ଷା କରିଥିଲା। ପାକିସ୍ତାନ ଦଳର ପୁରସ୍କାର ରାଶି ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ।




ଭାରତକୁ ପୁରସ୍କାରର ଏକ ବଡ଼ ପରିମାଣ ମିଳିଥିଲା, କିନ୍ତୁ ପାକିସ୍ତାନ ମହିଳା କ୍ରିକେଟ ଦଳକୁ କେବଳ ୪୭ ମିଲିୟନ (୪.୭ କୋଟି) ମିଳିଥିଲା। ଟୁର୍ନାମେଣ୍ଟରେ ପାକିସ୍ତାନର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ଥିଲା। ସେମାନେ ସମସ୍ତ ମ୍ୟାଚ୍ ହାରି ପଏଣ୍ଟ ଟେବୁଲରେ ୮ମ ସ୍ଥାନ ଅଧିକାର କରିଥିଲେ।ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦଳର ଖରାପ ପ୍ରଦର୍ଶନକୁ ଦୃଷ୍ଟିରେ ରଖି କୌଣସି ଅତିରିକ୍ତ ପୁରସ୍କାର ରାଶି ଘୋଷଣା କରିନଥିଲା। ଦଳକୁ କେବଳ ୮ମ ସ୍ଥାନ ଅଧିକାର କରିଥିବା ଦଳ ପାଇଁ ଆଇସିସି ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପରିମାଣ ମିଳିଥିଲା।

ମହିଳା ବିଶ୍ୱକପ ୨୦୨୫ ଜିତିବା ପାଇଁ ଟିମ ଇଣ୍ଡିଆକୁ ମୋଟ ୯୧ କୋଟି ପୁରସ୍କାର ରାଶି ମିଳିଥିଲା। ଏଥିମଧ୍ୟରୁ ଆଇସିସି ଦ୍ୱାରା ଚାମ୍ପିଅନ ଦଳକୁ ୪୦ କୋଟି ପ୍ରଦାନ କରାଯାଇଥିଲା, ଯେତେବେଳେ ବାକି ୫୧ କୋଟି ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ପାଇଁ ବୋନସ ଭାବରେ ବିସିସିଆଇ ଦ୍ୱାରା ଘୋଷଣା କରାଯାଇଥିଲା। ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି ଯେ ଏହି ପୁରସ୍କାର ଭାରତୀୟ ଖେଳାଳିଙ୍କ କଠିନ ପରିଶ୍ରମ ଏବଂ ସମର୍ପଣର ସ୍ୱୀକୃତି। ଏହା ସହିତ, ପ୍ରତ୍ୟେକ ଖେଳାଳିଙ୍କୁ ବ୍ୟକ୍ତିଗତ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ରିପୋର୍ଟ ଅନୁସାରେ, ପ୍ଲେଇଂ ଇଲେଭେନରେ ଥିବା ପ୍ରତ୍ୟେକ ଖେଳାଳିଙ୍କୁ ପ୍ରାୟ ୨ କୋଟି ବୋନସ ମିଳିବ, ଏବଂ ରିଜର୍ଭ ଖେଳାଳିମାନେ ୧ କୋଟି ପର୍ଯ୍ୟନ୍ତ ପାଇବେ।

# ନମ୍ବର ୧ ସ୍ଥାନ ହରାଇଲେ ସ୍ମୃତି

ମୁମ୍ବାଇ,୪।୧୧: ଆଇସିସି ମହିଳା ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରେ ବଡ଼ ପରିବର୍ତ୍ତନ ଦେଖାଦେଇଛି। ଭାରତୀୟ ଦଳର ବିଶ୍ୱକପ୍ ବିଜୟ ପରେ ପ୍ରକାଶିତ ନୂତନ ତାଲିକାରେ ସ୍ମୃତି ମନ୍ଧାନା ଏକ ସ୍ଥାନ ତଳକୁ ଖସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେପଟେ ଦକ୍ଷିଣ ଆଫ୍ରିକାର ଅଧିନାୟିକା ଲୌରା ୱୁଲଭାର୍ଡ୍ଟ ଦୁଇଟି ସ୍ଥାନ ଉପରକୁ ଉଠି ଏକ ନମ୍ବର ସ୍ଥାନ ଅଧିକାର କରିଛନ୍ତି।




ବିଶ୍ୱକପ୍ ସେମିଫାଇନାଲ୍ ଓ ଫାଇନାଲ୍ ଉଭୟ ମ୍ୟାଚ୍‌ରେ ଶତକ ମାରିଥିବା ୱୁଲଭାର୍ଡ୍ଟ ତାଙ୍କୁ ପଛରେ ପକାଇଛନ୍ତି। ୱୁଲଭାର୍ଡ୍ଟ ଗୋଟିଏ ବିଶ୍ୱକପ୍ ସଂସ୍କରଣରେ ସର୍ବାଧିକ ୫୭୧ ରନ୍ ସଂଗ୍ରହ କରିଥିଲେ ଏବଂ ତାଙ୍କୁ ୮୧୪ର କ୍ୟାରିୟର-ସର୍ବୋଚ୍ଚ ରେଟିଂ ମିଳିଛି। ସ୍ମୃତି ମନ୍ଧାନା ଟୁର୍ଣ୍ଣାମେଣ୍ଟର ସମସ୍ତ ସମୟ ପାଇଁ ଶୀର୍ଷ ସ୍ଥାନରେ ଥିଲେ।ଅନ୍ୟପକ୍ଷରେ, ଭାରତର ଜେମିମା ରୋଡ୍ରିଗେଜ୍ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ମ୍ୟାଚ୍ ବିଜୟୀ ଶତକ ହାସଲ କରିବା ପରେ ନଅଟି ସ୍ଥାନ ଉପରକୁ ଉଠି ଶ୍ରେଷ୍ଠ ୧୦ରେ (୧୦ମ ସ୍ଥାନ) ପ୍ରବେଶ କରିଛନ୍ତି।ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ମଧ୍ୟ ଚାରିଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ପହଞ୍ଚିଛନ୍ତି। 'ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ବିବେଚିତ ଦୀପ୍ତି ଶର୍ମା ଅଲରାଉଣ୍ଡର ରାଙ୍କିଙ୍ଗରେ ଗୋଟିଏ ସ୍ଥାନ ଉନ୍ନତି କରି ଚତୁର୍ଥ ସ୍ଥାନରେ ନିଜର ସ୍ଥିତି ମଜବୁତ କରିଛନ୍ତି।ସେହିପରି ଦକ୍ଷିଣ ଆଫ୍ରିକାର ମାରିଜାନ କପ୍ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ୍‌ରେ ୫/୨୦ ପ୍ରଦର୍ଶନ କରିବା ପରେ ସୋଫି ଏକଲେଷ୍ଟୋନ୍‌ଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ଏସିଆ କପ୍ ପାଇଁ ଟିମ୍ ଇଣ୍ଡିଆ ଏ' ଘୋଷଣା

## ଜିତେଶ ଅଧିନାୟକ, ୧୭ରେ ଭାରତ-ପାକିସ୍ତାନ ମ୍ୟାଚ୍

ନୂଆଦିଲ୍ଲୀ,୪।୧୧:ନଭେମ୍ବର ୧୪ରୁ ଆରମ୍ଭ ହେବ ରାଇଜିଂ ଷ୍ଟାର୍ସ ଏସିଆ କପ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଏ ଟିମର ନେତୃତ୍ୱ ନେବେ ୱିକେଟ କିପର ବ୍ୟାଟର ଜିତେଶ ଶର୍ମା। ନଭେମ୍ବର ୨୩ ଯାଏ କତରର ଦୋହାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ନମନ ଧୀର ଉପ ଅଧିନାୟକ ଭାବେ କାମ କରିବେ। ମଙ୍ଗଳବାର ବିସିସିଆଇ ପକ୍ଷରୁ ଇଣ୍ଡିଆ ଏ ଟିମର ଘୋଷଣା କରାଯାଇଛି। ପ୍ରଥମଥର ପାଇଁ ଯୁବ ଟିମରେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ସେ ଦଳରେ ଓପନର ଭାବେ ସ୍ଥାନ ପାଇଛନ୍ତି। ସୂର୍ଯ୍ୟବଂଶୀଙ୍କ ସହ ସ୍କ୍ୱାଡରେ ପ୍ରିୟାଂଶ ଆର୍ଯ୍ୟ ରହିଛନ୍ତି। ଆଇପିଏଲରେ କମାଲ କରିଥିବା ନେହାଲ ୱାଧେରା, ସୂର୍ଯ୍ୟାଂଶ ଶେଡଗେ, ରମଣଦୀପ ସିଂହ ଓ ଆଶୁତୋଷ ଶର୍ମାଙ୍କ ଭଳି ବ୍ୟାଟରଙ୍କୁ ସୁଯୋଗ ମିଳିଛି। ଅଭିଷେକ ପୋରେଲ ଦ୍ୱିତୀୟ ୱିକେଟ କିପର ଭାବେ ସ୍କ୍ୱାଡରେ ରହିଛନ୍ତି। ଗୁରଜପନୀତ ସିଂହ, ଯାଶ ଠାକୁର, ବିଜୟ କୁମାର ବୈଶାଖ, ଯୁଦ୍ଧବୀର ସିଂହ ରୂପରେ ୪ ଜଣ ଦ୍ରୁତ ବୋଲରଙ୍କୁ ଦଳରେ ରଖାଯାଇଛି। ସ୍ପିନ ବୋଲିଂ ବାହିନୀରେ ସୂୟାଶ ଶର୍ମା ଓ ହର୍ଷ ଦୁବେ ରହିଛନ୍ତି।





୧୫ ଜଣିଆ ସ୍କ୍ୱାଡ ବ୍ୟତୀତ ବିସିସିଆଇ ୫ ଜଣଙ୍କୁ ଷ୍ଟାଣ୍ଡବାଇରେ ରଖିଛି। ଗୁରନୁର ସିଂହ ବ୍ରାର, କୁମାର କୁଶଗ୍ରା, ତନୁଶ କୋଟିଆନ, ସମୀର ରିଜଭୀ ଓ ଶେକ ରଶିଦଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ରାଇଜିଂ ଷ୍ଟାର୍ସ ଏସିଆ କପରେ ମୋଟ ୮ଟି ଦଳ ଭାଗ ନେବେ। ଭାରତ ଗ୍ରୁପ ବି'ରେ ରହିଛି। ଏହି ଗ୍ରୁପରେ ଓମାନ, ୟୁଏଇ ଓ ପାକିସ୍ତାନ ରହିଛନ୍ତି। ଅର୍ଥାତ ଏହି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଭାରତ-ପାକିସ୍ତାନ ଟକ୍କର ଦେଖିବାକୁ ମିଳିବ। ଗ୍ରୁପ ଏ'ରେ ଆଫଗାନିସ୍ତାନ, ଶ୍ରୀଲଙ୍କା, ହଂକଂ ଓ ବାଂଲାଦେଶ ରହିଛନ୍ତି। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଇମର୍ଜିଂ ଏସିଆ କପ ଭାବେ ଖେଳାଯାଉଥିଲା। କିନ୍ତୁ ଏଥର ଏହାର ନାଁକୁ ବଦଳାଇ ରାଇଜିଂ ଷ୍ଟାର୍ସ ଏସିଆ କପ ରଖାଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୫ଟି ମ୍ୟାଚ୍ ଖେଳାଯିବ। ପ୍ରତି ଦଳ ନିଜ ନିଜ ଗ୍ରୁପରେ ଥିବା ଦଳ ଗୁଡ଼ିକ ସହ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ।

ଏହାପରେ ପ୍ରତି ଗ୍ରୁପରୁ ଟପ ୨ ଟିମ ସେମି ଫାଇନାଲକୁ ଯିବେ। ଏହାପରେ ଗ୍ରୁପ ଏର ଟପ ଟିମ ଓ ଗ୍ରୁପ ବିର ରନର୍ସ ଅପ ଟିମ ମଧ୍ୟରେ ଏବଂ ଗ୍ରୁପ ବି'ର ଟପ ଟିମ ଓ ଗ୍ରୁପ ଏର ରନର୍ସ ଅପ ମଧ୍ୟରେ ସେମି ଫାଇନାଲ ଖେଳାଯିବ। ୨୩ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଏସିସି କହିଛି।

**ଭାରତୀୟ ସ୍କ୍ୱାଡ:** ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ନେହାଲ ୱାଧେରା, ନମନ ଧୀର(ଉପ ଅଧିନାୟକ), ସୂର୍ଯ୍ୟାଂଶ ଶେଡଗେ, ଜିତେଶ ଶର୍ମା(ଅଧିନାୟକ/ୱିକେଟ କିପର), ରମଣଦୀପ ସିଂହ, ହର୍ଷ ଦୁବେ, ଆଶୁତୋଷ ଶର୍ମା, ଯାଶ ଠାକୁର, ଗୁରଜପନୀତ ସିଂହ, ବିଜୟ କୁମାର ବୈଶାଖ, ଯୁଦ୍ଧବୀର ସିଂହ, ଅଭିଷେକ ପୋରେଲ(ୱିକେଟ କିପର) ଓ ସୂୟାଶ ଶର୍ମା।

# ଆଫଗାନିସ୍ତାନ କୋଚ୍ ପଦ ଛାଡ଼ିବେ ଟ୍ରଟ୍

ବେଙ୍ଗାଲୁରୁ,୦୪।୧୧: ସମ୍ପ୍ରତି ଆଫଗାନିସ୍ତାନ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ କରୁଥିବା ଜନାଥନ ଟ୍ରଟ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଆସନ୍ତା ବର୍ଷ ହେବାକୁ ଥିବା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପରେ ସେ କୋଚ୍ ପଦରୁ ବିଦାୟ ନେବେ। ସେ ୨୦୨୨ ଜୁଲାଇ ମାସରେ କୋଚ୍ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ତାଙ୍କୁ ୧୮ମାସ ପାଇଁ ଚୁକ୍ତି କରାଯାଇଥିଲା। ତାଙ୍କ ପ୍ରଶିକ୍ଷଣରେ ଆଫଗାନିସ୍ତାନ ସୀମିତ ଓଭର କ୍ରିକେଟ୍‌ରେ ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଥିଲା ଦଳର ସଫଳତା ପରେ ଆଉ ୧୨ମାସ ପାଇଁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ଚଳିତ ବର୍ଷ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଥିଲା। ଆସନ୍ତା ବର୍ଷ ଜାନୁଆରୀ ୭ତାରିଖରୁ ବିଶ୍ୱକପ୍ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖରେ ଶେଷ ହେବ। ଏଥର ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ବିଶ୍ୱକପ୍ ଆୟୋଜନ କରିବେ।

# କୋହଲିଙ୍କ ବ୍ୟାଟିଂ ହାରକୁ ପଛରେ ପକାଇଲେ ମିଲିନ୍ଦ

ନୂଆଦିଲ୍ଲୀ,୪।୧୧: ଭାରତର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବିରାଟ କୋହଲି ତାଙ୍କ କ୍ରିକେଟ କ୍ୟାରିୟରରେ ଅନେକ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସ୍ଥାପନ କରିଛନ୍ତି। ବିରାଟ ଟେଷ୍ଟ ଏବଂ ଟି-୨୦ ଆନ୍ତର୍ଜାତୀୟରୁ ଅବସର ଘୋଷଣା କରିଛନ୍ତି, କିନ୍ତୁ ସେ ଦିନିକିଆ କ୍ରିକେଟ ଖେଳୁଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏସଏ)ର ଜଣେ ବ୍ୟାଟସମ୍ୟାନ ଦିନିକିଆ କ୍ରିକେଟରେ ଏକ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସ୍ଥାପନ କରିଛନ୍ତି। ଆମେରିକାର ଖେଳାଳି ମିଲିନ୍ଦ କୁମାର ଦିନିକିଆରେ ସର୍ବାଧିକ ବ୍ୟାଟିଂ ହାର ହାସଲ କରିଛନ୍ତି। ମାତ୍ର ୨୧ ଇନିଂସରେ ମିଲିନ୍ଦ କୁମାରଙ୍କ ପ୍ରଭାବଶାଳୀ ବ୍ୟାଟିଂ ପ୍ରଦର୍ଶନ ତାଙ୍କୁ ଏହି ରେକର୍ଡ ପ୍ରଦାନ କରିଛି। ଏହି ଆମେରିକାର ବ୍ୟାଟସମ୍ୟାନ ଏହି କ୍ଷେତ୍ରରେ ବିରାଟ କୋହଲି ଉଭୟଙ୍କୁ ପଛରେ ପକାଇ ଦେଇଛନ୍ତି।



ମିଲିନ୍ଦ କୁମାର ଜଣେ ଭାରତୀୟ ଖେଳାଳି, କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରେ ଆମେରିକା ପାଇଁ ଖେଳନ୍ତି। ସେ ଘରୋଇ କ୍ରିକେଟରେ ଦିଲ୍ଲୀ ଏବଂ ସିକିମ ପାଇଁ ଖେଳିଛନ୍ତି। ସେ ଆଇପିଏଲ ୨୦୧୪ ରେ ଦିଲ୍ଲୀ ଡେୟାରଡେଭିଲ୍ସର ଅଂଶ ଥିଲେ। ବର୍ତ୍ତମାନ, ମିଲିନ୍ଦ ଦିନିକିଆରେ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ମିଲିନ୍ଦ ଏପର୍ଯ୍ୟନ୍ତ ୨୨ ଟି ଦିନିକିଆ ମ୍ୟାଚ୍ ଖେଳି ୨୧ଇନିଂସରେ ୧,୦୧୬ ରନ କରିଛନ୍ତି। ଏହା ତାଙ୍କର ଦିନିକିଆ ହାର ୬୭.୭୩କୁ ପହଞ୍ଚାଇଛି, ଯାହା ଦିନିକିଆରେ ସର୍ବୋତ୍ତମ ବ୍ୟାଟିଂ ହାର। ସେ ତାଙ୍କ କ୍ୟାରିୟରର ସର୍ବୋତ୍ତମ ଅପରାଜିତ ଇନିଂସ ମଧ୍ୟ ଖେଳିଥିଲେ।

ମିଲିନ୍ଦ କୁମାରଙ୍କ ପ୍ରଭାବଶାଳୀ ବ୍ୟାଟିଂ ଭାରତୀୟ କିମ୍ବଦନ୍ତୀ ବିରାଟ କୋହଲି ଏବଂ ନେଦରଲ୍ୟାଣ୍ଡସ ଖେଳାଳି ରିଆନ ଟେନଙ୍କୁ ପଛରେ ପକାଇ ଦେଇଛି। ରିଆନ ୩୩ ମ୍ୟାଚ୍‌ରେ ୩୨ ଇନିଂସରେ ୬୭ ହାରରେ ୧,୫୪୧ ରନ କରିଛନ୍ତି। ରିଆନ ଏବେ ଦ୍ୱିତୀୟ ସର୍ବାଧିକ ଏକଦିବସୀୟ ବ୍ୟାଟିଂ ହାର ହୋଇଯାଇଛନ୍ତି। ବିରାଟ କୋହଲି ବର୍ତ୍ତମାନ ଏହି ତାଲିକାରେ ତୃତୀୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ୩୦୫ ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି, ୨୯୩ ଇନିଂସରେ୫୭.୭୧ ହାରରେ ୧୪,୨୫୫ ରନ କରିଛନ୍ତି। ବିରାଟ କୋହଲି ୩୦୦ରୁ ଅଧିକ ମ୍ୟାଚ୍ ଖେଳିବା ପରେ ମଧ୍ୟ ଏହି ହାର ବଜାୟ ରଖିଛନ୍ତି। ଏତେ ଲମ୍ବା କ୍ୟାରିୟରରେ ଏହି ହାର ହାସଲ କରିବା ଯେକୌଣସି କ୍ରିକେଟରଙ୍କ ପାଇଁ ଏକ ଉଲ୍ଲେଖନୀୟ ସଫଳତା।

# ବାରବାଟୀରେ ଓଡିଶାର ଶୋଚନୀୟ ଇନିଂସ ପରାଜୟ

କଟକ,୪।୧୧: ପୁଣି ବାରବାଟୀରେ ହାରିଛି ଓଡିଶା। ଘରୋଇ ପରିବେଶରେ ଶୋଚନୀୟ ଇନିଂସ ପରାଜୟର ସାମ୍ନା କରିଛି ଓଡିଶା ରଣଜୀ ଟିମ। ମ୍ୟାଚ୍ ଡ୍ର ରଖିବାକୁ ଓଡିଶା ରଣଜୀ ଟିମ(ଜବଭହସ ଛକ୍ସକ୍ଟକ୍ତଷଛ) ବହୁତ ଚେଷ୍ଟା କଲା। ତଥାପି ଆନ୍ଧ୍ର ପ୍ରଦେଶର ପ୍ରଥମ ଇନିଂସ ସ୍କର ଠାରୁ ୫୦ ରନ ପଛରେ ରହିଗଲା। ଦୁଇଟି ଯାକ ଇନିଂସରେ ବ୍ୟାଟିଂ କରି ମଧ୍ୟ ଓଡିଶାର ଖେଳାଳିମାନେ ଆନ୍ଧ୍ର ପ୍ରଦେଶର ପ୍ରଥମ ଇନିଂସ ସ୍କର ୪୭୫କୁ ଛୁଇଁବାକୁ ସକ୍ଷମ ହୋଇନାହାନ୍ତି। ଆନ୍ଧ୍ର ପ୍ରଦେଶ ବାରବାଟୀରେ ଗୋଟିଏ ଇନିଂସ ଓ ୫୦ ରନରେ ମ୍ୟାଚ୍ ଜିତି ନିଜର ଦବଦବା ଦେଖାଇଛି।



ହେଲେ ଓଡିଶା ଟିମ ପୁଣି ବାରବାଟୀରେ ମାଡି କାମୁଡିଛି। ଦଳରେ ଅନେକ ତଥାକଥିତ ଷ୍ଟାର ଖେଳାଳି ରହିଥିଲେ ହେଁ ବ୍ୟାଟିଂ ଓ ବୋଲିଂରେ ଫେଲ ମାରି ଚାଲିଛନ୍ତି। ତଥାପି ସେମାନଙ୍କୁ ଓଡିଶା କ୍ରିକେଟ ଆସୋସିଏସନ ବାରମ୍ବାର ଦଳରେ ରଖି ଚାଲିଛି। ଆନ୍ଧ୍ର ପ୍ରଦେଶ ପୂର୍ବରୁ ଚଳିତ ରଣଜୀ ଋତୁର ପ୍ରଥମ ମ୍ୟାଚ୍‌ରେ ଦଳ ବରୋଦା ଠାରୁ ୭ ୱିକେଟରେ ବାରବାଟୀରେ ହାରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଓଡିଶାର ମୁକାବିଲା ଉତ୍ତର ପ୍ରଦେଶ ସହ ହୋଇଥିଲା। ଏହି ମ୍ୟାଚ୍ ଡ୍ର ରହିଥିଲେ ହେଁ ଉତ୍ତର ପ୍ରଦେଶ ପ୍ରଥମ ଇନିଂସର ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ଓ ଓଡିଶା ୧ ପଏଣ୍ଟ ପାଇଥିଲା। ଏବେ ଆନ୍ଧ୍ର ପ୍ରଦେଶ ଇନିଂସ ବିଜୟ ହାସଲ ସହ ୭ ପଏଣ୍ଟ ପାଇଛି।

ଆନ୍ଧ୍ର ବିପକ୍ଷ ମ୍ୟାଚ୍ କଥା ବିଚାରକୁ ନେଲେ ପ୍ରଥମେ ବ୍ୟାଟିଂ କରୁଥିବା ଭ୍ରମଣକାରୀ ଦଳ ପ୍ରଥମେ ଓଡିଶା ବୋଲରଙ୍କ ଧୂଳେଇ କରିଥିଲା। ଶେକ ରଶିଦଙ୍କ ଅପରାଜିତ ୧୪୦ ରନ, ଶ୍ରୀକର ଭରତଙ୍କ ୯୩, ଅଭିଷେକ ରେଡ୍ଡୀଙ୍କ ୭୬, କେଭି ଶଶିକାନ୍ତଙ୍କ ୪୬ ଓ ସୌରଭ କୁମାରଙ୍କ ଅପରାଜିତ ୬୯ ରନ ବଳରେ ୭ ୱିକେଟ ହରାଇ ୪୭୫ ରନ କରିବା ପରେ ପାଳି ଘୋଷଣା କରିଥିଲା।

ବୋଲର ସମସ୍ତଙ୍କୁ ନିରାଶ କରିଥିବା ବେଳେ ବ୍ୟାଟର କିଛି କରିବେ ବୋଲି ଆଶା କରାଯାଉଥିଲା। ହେଲେ ବୋଲରଙ୍କ ତୁଳନାରେ ବ୍ୟାଟର ଆହୁରି ନିରାଶ କରିଥିଲେ। ଓଡିଶା ଟିମ କେବଳ ୫୬.୪ ଓଭର ବ୍ୟାଟିଂ କରି ୧୫୧ ରନରେ ଅଲଆଉଟ ହୋଇଯାଇଥିଲା। ଦଳର ପାଇଁ ସନ୍ଦୀପ ପଟ୍ଟନାୟକ ୫୮ ଓ ଗୌରବ ଚୌଧୁରୀ ୪୮ ରନ କରିଥିଲେ। ଓଡିଶା ମାତ୍ର ୧୫୧ ରନ୍ କରିବାରୁ ଆନ୍ଧ୍ର ପ୍ରଦେଶ ଫଲୋଅନ୍ ଡାକିଥିଲା। ଫଲୋଅନ ପରେ ଓଡିଶା ତୃତୀୟ ଦିନରେ ଲଢ଼ କରିବା ସହ ଖେଳ ଶେଷ ବେଳକୁ ୨ ୱିକେଟ ହରାଇ ୧୯୦ ରନ କରି ନେଇଥିଲା। ଲାଗୁଥିଲା ଅତି କମରେ ଓଡିଶା ପରାଜୟ ଲଜ୍ଜାରୁ ବର୍ତ୍ତିଯିବ। ଓଡିଶା ୧୩୪ ରନ ପଛରେ ରହିଥିଲା। ହେଲେ ତୃତୀୟ ଦିନରେ ଦଳ ପୁଣି ସମସ୍ତଙ୍କୁ ନିରାଶ କରିଥିଲା। ନିୟମିତ ୱିକେଟ ହରାଇ ଦଳ ଦ୍ୱିତୀୟ ଇନିଂସରେ ୨୭୪ ରନରେ ଅଲଆଉଟ ହୋଇ ଯାଇଛି। ପ୍ରଥମ ଇନିଂସରେ ୫୮ ରନ କରିଥିବା ସନ୍ଦୀପ ପଟ୍ଟନାୟକ ଦ୍ୱିତୀୟ ଇନିଂସରେ ୬୩ ରନ କରିଥିଲେ।

ତେବେ ଗୌରବ ଚୌଧୁରୀ ୮୦ ରନ କରି କିଛି ସମୟ ପାଇଁ ଲିଥିଲେ। ରାଜେଶ ଧୂପର ୩୬ ଶେଷ ଆଡକୁ ପ୍ରୟାସ କରିଥିଲେ ହେଁ ଓଡିଶାକୁ ପରାଜୟରୁ ରକ୍ଷା କରିପାରି ନଥିଲେ। ଆନ୍ଧ୍ର ପ୍ରଦେଶ ଇନିଂସ ଓ ୫୦ ରନର ମ୍ୟାଚ୍ ଜିତି ପୂରା ୭ ପଏଣ୍ଟ ଓଡିଶା ବିପକ୍ଷ ମ୍ୟାଚ୍‌ରୁ ହାସଲ କରିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ